52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ ାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 272 | Brahmapur | Saturday 14 November 2026 | ବର୍ଷ: ୪୫/ ଅଙ୍କ: ୨୭୨ | ଶନିବାର ୧୪ ନଭେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୮.୫.୦୦

କୁଡୁମୀ ସମାଜର ଜାତୀୟ ବାନ୍ଦନା ପରବ-୨୦୨୬ରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ



କୁଡୁମୀ କଳା, ସଂସ୍କୃତିର ସଂରକ୍ଷଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି ଓ ଗୋଧନର ଏକ ଜୀବନ୍ତ କାବ୍ୟ: ମୋହନ

ବାରିପଦା, ୧୩।୧୧ (ଆନିସ):ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି।ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା।ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସ୍ୱେଦରେ ସିଞ୍ଚି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ–ନାଳ ଏବଂ ପ୍ରାଣୀଜଗତ ସହ ସହବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲ୍ୟକାଳରୁ ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଡେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ। କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟ ସରକାର ସମାବେଶୀ ବିକାଶ ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ–ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ କୁଡୁମୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ବାରିପଦା ତଥା ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ଯେଉଁଥିରେ କୁଡୁମୀ ସମାଜର ସାମାଜିକ ଓ ଆର୍ଥିକ ଉନ୍ନତିକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି।ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡୁମୀ ସମାଜର ପ୍ରକୃତି ପ୍ରେମ ଓ ଶ୍ରମିକ କଲ୍ୟାଣ ଦିଗରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କହିଛନ୍ତି ଯେ, କୁଡୁମୀ ସମାଜ ପ୍ରକୃତି ଓ ଜଙ୍ଗଲକୁ ନିଜ ପରିବାର ଭଳି ସୁରକ୍ଷା ଦେଇଆସୁଛି। ବାନ୍ଦନା ଓ କରମ ଭଳି ପର୍ବ ମାଧ୍ୟମରେ ପରିବେଶ ସୁରକ୍ଷାର ଯେଉଁ ମହାନ ବାର୍ତ୍ତା ଏହି ସମାଜ ଦେଉଛି, ତାହା ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ଏହା ସହିତ ପରିଶ୍ରମୀ କୁଡୁମୀ କୃଷକ ଓ ଶ୍ରମିକ ଭାଇଭଉଣୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମ କଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯିବା।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଲୁଲି, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲା ମୁର୍ମୁ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଶ୍ରୀ ଛୋଟଲାଲ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ ।

ଟ୍ରାଭେଲର-ଟ୍ରକ୍ ମଧ୍ୟରେ ମୁହାଁମୁହିଁ, ୨୦ ଯାତ୍ରୀ ମୃତ

ନୂଆଦିଲ୍ଲୀ, ୧୩।୧୧ : ଭୟଙ୍କର ଦୁର୍ଘଟଣା। ଯାତ୍ରୀବାହୀ ଟ୍ରାଭେଲର ଓ ଗୋଟିଏ ଟ୍ରକ୍ ମଧ୍ୟରେ ହୋଇଛି ମୁହାଁମୁହିଁ ଧକ୍କା। ଆସାମର କାଜିରଙ୍ଗା ଅନ୍ତର୍ଗତ ରୋଙ୍ଗଜାନ ଠାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ରୁ ଅଧିକ ଜଣ ପ୍ରାଣ ହରାଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି।

ଟ୍ରାଭେଲରରେ ଥିବା ଲୋକମାନେ ବେ।କ।ଖଟରୁ ନାଗାଓଁ ଆଡ଼କୁ ଯାଉଥିବା ବେଳେ ଟ୍ରକଟି ବିପରୀତ ଦିଗରୁ ଆସୁଥିଲା। ଏହି ସମୟରେ ଦୁଇ ଗାଡ଼ି ପରସ୍ପର ସହ ପିଟି ହୋଇଯାଇଛି। ଟ୍ରାଭେଲରରେ ଅଧିକାଂଶ ଯାତ୍ରୀ ଛାତ୍ରଛାତ୍ରୀ ବୋଲି କୁହାଯାଉଛି।

ଦୁର୍ଘଟଣା ଏତେ ଭୟଙ୍କର ରହିଛି ଯେ କିଛି ଯାତ୍ରୀ ଟ୍ରାଭେଲର ମଧ୍ୟରେ ଚାପି ହୋଇ ରହିଯାଇଛନ୍ତି। ଗାଡ଼ିଟି ପୂରା ଚୂରମାର ହୋଇଯାଇଛି। ଏବେ ସ୍ଥାନୀୟ ଲୋକ, ପୁଲିସ୍ ଓ ଉଦ୍ଧାରକାରୀ ଟିମ ସେମାନଙ୍କୁ ବାହାର ସେଥିରୁ ବାହାର କରିବାକୁ ଲାଗି ପଡ଼ିଛନ୍ତି। ଉଦ୍ଧାର ହୋଇଥିବା ମୃତାହତଙ୍କୁ କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୋଲାଘାଟ ଏସ୍‌ପି ସ୍ୱପନୀଲ ଦେକା କହିଛନ୍ତି ଯେ ''ଦୁର୍ଘଟଣାରେ ପ୍ରାୟ ୨୦ ଜଣ ପ୍ରାଣ ହରାଇଥିବା ଆମ ପାଖକୁ ପ୍ରାଥମିକ ରିପୋର୍ଟ ଆସିଛି। ଆମେ ସମସ୍ତେ ଘଟଣା ସ୍ଥଳରେ ରହିଛୁ। ଏବେ ବି ମିନି ବସ୍ ଭିତରୁ ଲୋକଙ୍କୁ ବାହାର କରାଯାଉଛି। ଆଗକୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ। ଟ୍ରାଭେଲରରେ କେତେ ଲୋକ ଯାତ୍ରା କରୁଥିଲେ, ସେକଥା ଏଯାଏ ସ୍ପଷ୍ଟ ହୋଇନି।''



ସ୍ଥାନୀୟ ବିଧାୟକ ତଥା ଆସାମର ପଞ୍ଚାୟତ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଅତୁଲ ବୋରା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଛନ୍ତି। କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଧିକାଂଶ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଜୋରହାଟ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

କୁହାଯାଉଛି ଯେ ମିନି ବସ୍‌ର ବେଗ ଅତ୍ୟନ୍ତ ଅଧିକ ଥିଲା। କାଜିରଙ୍ଗା ପାର୍କ ଅଞ୍ଚଳରେ ଗାଡ଼ିଗୁଡ଼ିକର ବେଗ ସୀମିତ ରଖିବାକୁ ନିୟମ ରହିଛି। ତଥାପି ଗାଡ଼ି ଚାଳକ ଏହାକୁ ବେଖାତିର କରି ଅଧିକ ବେଗରେ ଆଗକୁ ଯାଉଥିଲେ। ସମ୍ଭବତଃ ଏହି ସମୟରେ ସେ ନିୟନ୍ତ୍ରଣ ହରାଇବାରୁ ସାମ୍ନାରୁ ଆସୁଥିବା ଟ୍ରକ୍ ସହ ପିଟି ହୋଇଯାଇଛି।

୧୬ରେ ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା

ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା
ଆନ୍ଧ୍ରମୁହାଁ ହୋଇପାରେ
ଜିଲ୍ଲାପାଳମାନଙ୍କୁ ସତର୍କ କଲେ ଏସ୍‌ଆରସି

ଭୁବନେଶ୍ୱର: ବଙ୍ଗୋପସାଗରରେ ପୁଣି ଏକ ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତା ବଢ଼ିଛି। ଦକ୍ଷିଣ–ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ଆସନ୍ତା ୧୬ ନଭେମ୍ବର ସନ୍ଧ୍ୟା ସୁଦ୍ଧା ଘୂର୍ଣ୍ଣିଝଡ଼ର ରୂପ ନେଇପାରେ। ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବାର ସଙ୍କେତ ମିଳୁଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ବାତ୍ୟାର ସମ୍ଭାବ୍ୟ ଗତିପଥ ଓ ତୀବ୍ରତାକୁ ନେଇ ଏବେଠାରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପ୍ରସ୍ତୁତି ନେବାକୁ ପରାମର୍ଶ ଦିଆଯାଇଛି। ଅଁନ୍ୟପଟେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ନଭେମ୍ବର ୧୩ ତାରିଖ ସକାଳ ସାଢ଼େ ୮ଟା ସୁଦ୍ଧା ଦକ୍ଷିଣ–ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେ ଧୀରେ ଶକ୍ତିଶାଳୀ ହେବା ସହ ଉତ୍ତର–ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଆସନ୍ତା ୧୪ ନଭେମ୍ବର ସୁଦ୍ଧା ଏହା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇପାରେ। ପରବର୍ତ୍ତୀ ସମୟରେ ଏହାର ଘନୀଭବନ ପ୍ରକ୍ରିୟା ଜାରି ରହିବା ସହ ୧୫ ନଭେମ୍ବର ସକାଳ ସୁଦ୍ଧା ଗଭୀର ଅବପାତର ରୂପ ନେବାର ଆକଳନ କରାଯାଇଛି। ଏହାପରେ ଏହି ପାଣିପାଗ ପ୍ରଣାଳୀ ଉତ୍ତର–ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହେବ। ଅନୁକୂଳ ପାଣିପାଗ ପରିସ୍ଥିତି ଜାରି ରହିଲେ ନଭେମ୍ବର ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ମଧ୍ୟ ବଙ୍ଗୋପସାଗରରେ ଏହା ଘୂର୍ଣ୍ଣିଝଡ଼ରେ ପରିଣତ ହୋଇପାରେ।

ତେବେ ଏହାର ନିର୍ଦ୍ଦିଷ୍ଟ ଗତିପଥ, ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସ୍ଥାନ ଏବଂ ତୀବ୍ରତା ସମ୍ପର୍କରେ ଏବେଠାରୁ ସ୍ପଷ୍ଟ ଆକଳନ କରିବା ସମ୍ଭବ ହୋଇନାହିଁ। ପାଣିପାଗ ବିଭାଗ ପ୍ରଣାଳୀର ପ୍ରତ୍ୟେକ ପରିବର୍ତ୍ତନ ଉପରେ ନଜର ରଖିଛି। ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିପାରେ ବୋଲି ପ୍ରାଥମିକ ସଙ୍କେତ ମିଳୁଛି। ତେବେ ବାତ୍ୟାର ଗତିପଥ ଓ ତୀବ୍ରତା ଆଗାମୀ ଦିନରେ ବଦଳିବାର ସମ୍ଭାବନା ଥିବାରୁ ଏ ନେଇ ଅଧିକ ସ୍ପଷ୍ଟତା ପାଇଁ ଅପେକ୍ଷା କରାଯାଇଛି। ବାତ୍ୟା ଆନ୍ଧ୍ରମୁହାଁ ହେଲେ ମଧ୍ୟ ଏହାର ପ୍ରଭାବରୁ ଓଡ଼ିଶା ସମ୍ପୂର୍ଣ୍ଣ ମୁକ୍ତ ରହିବ ନାହିଁ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷାର ପ୍ରଭାବ ଅଧିକ ରହିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରଣାଳୀର ଗତିପଥ, ଦୂରତା ଓ ବାୟୁମଣ୍ଡଳୀୟ ପରିସ୍ଥିତି ଅନୁସାରେ ବର୍ଷାର ପରିମାଣ ଓ ପ୍ରଭାବ ନିର୍ଦ୍ଧାରିତ ହେବ। ତେଣୁ ଆଗାମୀ ପାଣିପାଗ ବୁଲେଟିନ୍ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳ ଜମିବା, ରାସ୍ତାଘାଟରେ ଯାତାୟାତ ବାଧାପ୍ରାପ୍ତ ହେବା ଏବଂ ଚାଷଜମିରେ ଫସଲ କ୍ଷତି ହେବାର ଆଶଙ୍କା ମଧ୍ୟ ରହିଛି। ଏହି ଦୃଷ୍ଟିରୁ ଚାଷୀ, ମତ୍ସ୍ୟଜୀବୀ ଓ ଉପକୂଳବାସୀଙ୍କୁ ସତର୍କ ରହିବା ଆବଶ୍ୟକ। ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବରେ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ସହ ଜିଲ୍ଲାସ୍ତରରେ ଆବଶ୍ୟକ ପ୍ରସ୍ତୁତି ଓ ସମନ୍ୱୟ ରକ୍ଷିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଉପକୂଳ ଓ ତଳିଆ ଅଞ୍ଚଳରେ ସତର୍କତା ବଢ଼ାଇବା, ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ନଜର ରଖିବା ଏବଂ ଜରୁରି ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ପ୍ରସ୍ତୁତ ରହିବାକୁ ହେବ। ଏହାସହ ଜିଲ୍ଲାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷିବା ଓ ଆବଶ୍ୟକ ସମୟରେ ଲୋକଙ୍କୁ ସଠିକ୍ ସୂଚନା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟାର ଗତିପଥ ସ୍ପଷ୍ଟ ହେବା ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଅନୁସାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନିଆଯାଇପାରେ।

ଡିସେମ୍ବର ୧ରୁ ଧାନ ଉଠାଣ ବନ୍ଦ ଚେତାବନୀ

ସରକାରଙ୍କୁ ୧୦ ଦିନର ମହଲତ

ଭୁବନେଶ୍ୱର, ୧୩।୧୧: ଆସନ୍ତା ଡିସେମ୍ବର ୧ ତାରିଖରୁ ଧାନ ଉଠାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ୍ । ସରକାରଙ୍କୁ ୧୦ ଦିନର ମହଲତ ଦେଇ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ଅଭିଯୋଗ ଅନୁଯାୟୀ, ପ୍ରାୟ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିବା ବେଳେ ସେଥିରୁ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ମାତ୍ର ୩୬ ଲକ୍ଷ ମେଟ୍ରିକ୍ ଟନ୍ ଯାଇଛି । ଏବେବି ୩୦ ଲକ୍ଷ ମେଟ୍ରିକ୍ ଟନ୍ ଅର୍ଥାତ୍ ୫୦ ପ୍ରତିଶତ ଚାଉଳ ମିଲ୍ ଗୁଡ଼ିକରେ ପଡ଼ିରହିଛି । ନିୟମ ଅନୁସାରେ ସରକାର ୩ ମାସ ମଧ୍ୟରେ ଏହା ନେବା କଥା କିନ୍ତୁ ସରକାରଙ୍କ ପାଖରେ ସ୍ଥାନ ନଥିବାରୁ ଏହା ଖାଲି ନ ହେବା ଯାଏଁ ସେମାନେ ଆଉ ନୂଆ ପଞ୍ଜିକରଣ କରିବେ ନାହିଁ । ମୁଖ୍ୟ ଦାବି ହେଉଛି ତୁରନ୍ତ ଚାଉଳ ଉଠାଯାଉ ନଚେତ୍ ନୂଆ ଧାନ ଉଠାଯିବ ନାହିଁ । ଏହାବ୍ୟତୀତ ୨୦୧୮–୧୯ ମସିହା ତୁଳନାରେ ଏବେ କମ୍ ଟ୍ରାନ୍ସପୋର୍ଟ ଚାର୍ଜ ମିଳୁଥିବା, ଡ୍ରାଏଜ୍ ବା ଶୁଖି ପରିମାଣକୁ ୧ ପ୍ରତିଶତରୁ କମାଇ ୦.୫ ପ୍ରତିଶତ କରାଯିବା ଯୋଗୁଁ ସମସ୍ୟା ଉପୁଜିଥିବା, ଭିଏଲ୍ ଟିଡି ସର୍ଭର

ସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ ପାଇଁ ଜିଲ୍ଲା ଏନ୍‌ଜିଓ କମିଟି ଓ ନବୀକରଣ କମିଟି ବୈଠକ

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୯ଟି ମା ଗୃହ ଓ ନୂତନ ପିଏଚ୍‌ସି ପ୍ରକଳ୍ପ ପ୍ରସ୍ତାବ ଉପରେ ଆଲୋଚନା

ନବରଙ୍ଗପୁର, ୧୩।୧୧ (ଆନିସ): ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ନବରଙ୍ଗପୁର ପକ୍ଷରୁ ଜିଲ୍ଲା ଏନ୍‌ଜିଓ କମିଟି ଓ ନବୀକରଣ କମିଟିର ଏକ ବୈଠକ ଆଜି ଅଶୋକ ମେହେଚ୍ଚା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ଏନ୍‌ଜିଓ କମିଟି ବୈଠକରେ ଜିଲ୍ଲାରେ ସାର୍ବଜନୀନ-ଘରୋଇ ସହଭାଗିତା ମୋଡ଼ରେ ୯ଟି ମା ଗୃହ ସ୍ଥାପନ ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ନନ୍ଦାହାଣ୍ଡି ବ୍ଲକ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକରେ ଏହି ମା ଗୃହ ସ୍ଥାପନ କରାଯିବା ପ୍ରସ୍ତାବ ରହିଛି। ଏଥିସହ ତେନ୍ତୁଳିଖୁଣ୍ଟି ସିଏଚ୍‌ସି ଅଧୀନସ୍ଥ ମଙ୍ଗରଦରାଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଉପରେ ବିଚାରବିମର୍ଶ କରାଯାଇଥିଲା। ସେହିପରି ଜାତୀୟ ଅନ୍ଧତ୍ୱ ନିୟନ୍ତ୍ରଣ ଓ ଦୃଷ୍ଟିଶକ୍ତି ଦୁର୍ବଳତା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ନେତ୍ରାଳୟ ଚକ୍ଷୁ ଚିକିତ୍ସାଳୟ ଓ ଇନ୍ଦ୍ରାବତୀ ଚକ୍ଷୁ ଚିକିତ୍ସାଳୟର ଅନୁବନ୍ଧନ ନବୀକରଣ ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହ ସିମାଦ୍ରି ଚକ୍ଷୁ ଚିକିତ୍ସାଳୟକୁ ମଧ୍ୟ ଏହି ଯୋଜନା ଅଧୀନରେ ଅନୁବନ୍ଧିତ କରିବା ପାଇଁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା। ଏହି ଅନୁବନ୍ଧିତ ଚକ୍ଷୁ ଚିକିତ୍ସାଳୟଗୁଡ଼ିକ ଜାତି, ବର୍ଗ କିମ୍ବା ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତ ହିତାଧିକାରୀଙ୍କୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସେବା ଯୋଗାଇଦେବେ। ଅନ୍ୟପକ୍ଷରେ, ନବୀକରଣ କମିଟି ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧୀନରେ ନିୟୋଜିତ ୨୨୧ ଜଣ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିଲା। ବ୍ୟକ୍ତିଗତ କାର୍ଯ୍ୟଦକ୍ଷତା ଓ ସେବାର ଗୁଣବତ୍ତାକୁ ଆଧାର କରି ସେମାନଙ୍କ ସେବା ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିଲ। ଏହି ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଓ ନିଷ୍ପତ୍ତିଗୁଡ଼ିକ ଜିଲ୍ଲାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ, ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉନ୍ନତି ଆଣିବା ଦିଗରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

ବ୍ଲକସ୍ତରୀୟ ପେନସନ ବଣ୍ଟନ କାର୍ଯ୍ୟକ୍ରମ,୬୪୮ ଜଣଙ୍କୁ ଭତ୍ତା ପ୍ରଦାନ



ମ.ରାମପୁର, ୧୩।୧୧ (ଆନିସ): -ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମ.ରାମପୁର ବ୍ଲକ ସଭାଗୃହଠାରେ ବ୍ଲକ ସ୍ତରୀୟ ଜାତୀୟ ସାମାଜିକ ସହାୟତା ଭାତରାଶି ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ବିଡିଓ ଶରତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ,ନୁନପୁର ଗ୍ରା:ପ ସମିତି ସଭ୍ୟ ଉଦ୍ଧବ ଜାନି ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏବିଡ଼ିଓ ଲକ୍ଷଣ ପଧାନ, ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମନ୍ତ ବଡ଼ପଣ୍ଡା,ସିଡିପିଓ ବିଜୟଶ୍ରୀ ସିଂଦେଓ ସମେତ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମ.ରାମପୁର, ପଣ୍ଡକାମାଳ,ସାଇଦଳଙ୍ଗ। ଓ ନୂନପୁର ଆଦି ୪ଗୋଟି ପଞ୍ଚାୟତ ର ଦିବ୍ୟାଙ୍ଗ,ବାର୍ଦ୍ଧକ୍ୟ,ବିଧବା, ଛାଡ଼ପତ୍ର ପାଇଥିବା ମହିଳା ଓ ଅବିବାହିତା ହିତାଧିକାରୀ ୭୦ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।।୧୯ ଗୋଟି ଗ୍ରାମପଞ୍ଚାୟତ ର ମୋଟ ୬୪୮ ଜଣ ହିତାଧିକାରୀ ନାମରେ ଭତ୍ତା ଟଙ୍କା ଆସିଥିବା ସୂଚନା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ତଥ୍ୟ ଅନୁଯାୟୀ,ଏହି ଯୋଜନାରେ ୩୨ ଜଣ ଦିବ୍ୟାଙ୍ଗ,୨୩ ଜଣ ଛାଡ଼ପତ୍ର ପାଇଥିବା ମହିଳା, ୫୪୧ ଜଣ ବାର୍ଦ୍ଧକ୍ୟ, ୧୪ ଜଣ ଅବିବାହିତା ଓ ୩୮ ଜଣ ବିଧବା ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ମ.ରାମପୁର ବିଜେପି ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡା,ଦେଢ଼ସୁଲି ପଞ୍ଚାୟତ ସମିତି ସଭ୍ୟ ଖ୍ରୀଷ୍ଟଦତ୍ତ ରାଉତ,ପିଇଓ ହେମାନନ୍ଦ ନାଏକ,ତ୍ରିନାଥ ଶବର ଓ ସତ୍ୟ ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଲୋକାର୍ପଣ ଓ ମଧୁବାବୁ ପେନସନ ଭତ୍ତା ବଣ୍ଟନ

ସୁନ୍ଦରଗଡ଼:୧୨/୧୧(ଆନିସ) : ସାମାଜିକ ସୁରକ୍ଷା ଓ ଜନ କଲ୍ୟାଣମୂଳକ ପଦକ୍ଷେପକୁ ଅଧିକ ସୁଦୃଢ଼ ତଥା ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଜିଲ୍ଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମ ଏବଂ ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ମାର୍ଦ୍ରି କାଲେ। ଭବନଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ରାଜ୍ୟ ସରକାର ସମାଜର ଅସହାୟ, ଗରିବ, ବୟସ୍କ, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଆର୍ଥିକ ସହାୟତା ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣକୁ ଆହୁରି ସୁଗମ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଭତ୍ତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି ମାନେ ବର୍ତ୍ତମାନ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ମାଧ୍ୟମରେ ଅନଲାଇନ ରେ କିମ୍ବା ବିଡିଓଙ୍କ ନିକଟରେ ସହଜରେ ଆବେଦନ କରି ପାରିବେ। ଆବେଦନର ପରବର୍ତ୍ତୀ ମାସ ଠାରୁ



ହିଁ ଯୋଗ୍ୟ ହିତାଧିକାରୀମାନଙ୍କୁ ପେନସନ ପ୍ରଦାନ କରାଯିବ। ଫଳରେ ପେନସନ ପାଇବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାର ସମସ୍ୟାର ଅନ୍ତ ଘଟିଛି। ସେହିଭଳି କୌଣସି ଯୋଗ୍ୟ ହିତାଧିକାରୀ ସାମାଜିକ ସୁରକ୍ଷା ଭିତ୍ତିକ ଭତ୍ତା ବା ପେନସନରୁ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ତାହା ପ୍ରତି ଯତ୍ନବାନ ହେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ସୁନ୍ଦରଗଡ଼ ଜିଲ୍ଲାରେ ମଧୁବାବୁ ପେନସନ ଯୋଜନା ଅଧୀନରେ ମୋଟ ୧୮,୩୨୩ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରା ଯାଇଛି। ଏହି ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ ଦ୍ୱାରା ଜିଲ୍ଲାରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆହୁରି ବ୍ୟାପକ ହେବା ସହ ଅଧିକ ସଂଖ୍ୟକ ଯୋଗ୍ୟ ବ୍ୟକ୍ତି ଏହାର ସୁଫଳ ପାଇ ପାରିବେ।

ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ମାଧ୍ୟମରେ ପେନସନ ଯୋଜନାର ପରିଚାଳନା ବ୍ୟବସ୍ଥା ଅଧିକ ସରଳ, ସ୍ୱଚ୍ଛ ଓ ଦକ୍ଷ ହୋଇପାରିବ। ହିତାଧିକାରୀଙ୍କ ଆବେଦନ, ଯାଞ୍ଚ, ଅନୁମୋଦନ ଓ ଭତ୍ତା ପ୍ରଦାନ ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ ସମନ୍ୱିତ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ସମୟରେ ସରକାରୀ ସହାୟତା ପହଞ୍ଚାଇବା ପ୍ରକ୍ରିୟା ମଧ୍ୟ ସହଜ ହେବ।

ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ମାନ୍ୟବର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ରଘୁନାଥପାଲିର ମାନ୍ୟବର ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ଜନଜାତି ପରାମର୍ଶଦାତା କମିଟିର ସଦସ୍ୟା ଶ୍ରୀମତୀ କୁସୁମ ଟେଟେ, ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଜିଲ୍ଲାପାଳ ଡ଼ା.ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗ ଦେଇଥିଲେ।

ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ମୂଳକ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାର ସୁଫଳ ପାଇପାରିବେ, ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସଦର ଓ ଟାଙ୍ଗରପାଲି ବ୍ଲକର ୩୦ ଜଣ ନୂତନ ହିତାଧିକାରୀଙ୍କୁ ମାନ୍ୟବର ଅତିଥିମାନଙ୍କ ଦ୍ୱାରା ଭତ୍ତା ପ୍ରଦାନ କରାଯାଇଥିଲା। ସେହିଭଳି ଏହି ଯୋଜନା ଉପରେ ବ୍ୟାପକ ଜନସଚେତନତା ନିମନ୍ତେ ଏକ ସଚେତନତା ରଥକୁ ମଧ୍ୟ ଅତିଥି ମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଯୋଜନା ସମ୍ପର୍କରେ ଜନସାଧାରଣ ମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବାଣ୍ଟିବ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ ତଥା ବହୁ ସଂଖ୍ୟାରେ ହିତାଧିକାରୀ ମାନେ ଉପସ୍ଥିତ ରହିଥିଲେ।

ଶିଶୁ ଶ୍ରମିକମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା

ସୁନ୍ଦରଗଡ଼, ୧୩/୧୧(ଆନିସ) : ଶିଶୁ ଶ୍ରମିକମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ଅଭିଯାନ ଅନ୍ତର୍ଗତ ଗୁରୁବାର ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ଶ୍ରମ ଓ ଇଏସ୍‌ଆଇ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲ। ଶିଶୁ ଶ୍ରମିକ ପ୍ରଥାର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା, ଶିଶୁମାନଙ୍କ ଅଧିକାର ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଏବଂ ଶିଶୁ ଶ୍ରମିକମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା।ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହି ପ୍ରତିଯୋଗିତାରେ ଭାଗ ନେଇ ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ, ଶିଶୁମାନଙ୍କ ଶାରୀରିକ, ମାନସିକ ଓ ଶିକ୍ଷାଗତ ବିକାଶ ଉପରେ



ଏହାର ପ୍ରଭାବ ଏବଂ ଏହି ସାମାଜିକ ବ୍ୟାଧିର ନିରାକରଣରେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଉପସ୍ଥିତ ଅଧିକାରୀମାନେ ଶିଶୁ ଶ୍ରମିକ ପ୍ରଥାର ନିରାକରଣ ଦିଗରେ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଅଭିଭାବକ ଓ ସମାଜର ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ମଧ୍ୟ ସଚେତନ କରି ଶିଶୁ ଶ୍ରମିକମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

ସରକାରୀ ବାସଭବନରୁ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଗୁଡା, ୧୩।୧୧(ଆନିସ): କନ୍ଧମାଳ ଜିଲ୍ଲା କୋଟଗଡ଼ରୁ ଆସିଛି ଏକ ମର୍ମନ୍ତୁଦ ଏବଂ ଚାଞ୍ଚଲ୍ୟକର ଖବର । ତହସିଲ କଲୋନୀ ସରକାରୀ ବାସଭବନରୁ ନବବଧୂ ଗୀତା କୁନ୍ତୀ ସାହୁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ସ୍ୱାମୀ ଦିଲୀପ ସାହୁଙ୍କୁ ଗ୍ରିଫ୍ କରି କୋର୍ଟ ଚାଲାଣ କରିଛି ମାତ୍ର ଏହି ଘଟଣାରେ ପୋଲିସର ଭୂମିକା ଏବଂ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ସାଧାରଣରେ ବଡ଼ ସନ୍ଦେହ ସୃଷ୍ଟି ହୋଇଛି । ଅଭିଯୁକ୍ତକୁ ପୁଲିସ ଗାଡ଼ି ବଦଳରେ ବାଇକ୍ ରେ ବସାଇ କୋର୍ଟ ନିଆଯାଉଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚଞ୍ଚଳ ସୃଷ୍ଟି କରିଥିବା ବେଳେ, ଅନ୍ୟ ଦୋଷୀମାନଙ୍କୁ ଘଣ୍ଟାଘଡ଼ାଉ ଥିବା ଅଭିଯୋଗ କରି ମୃତକଙ୍କ ବାପା ରାଜ୍ୟ ସରକାର ଏବଂ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି କୋଟଗଡ଼ ତହସିଲ କଲୋନୀ ସରକାରୀ ବାସଭବନରୁ ନବବଧୂ ଗୀତା କୁନ୍ତୀ ସାହୁଙ୍କ ସନ୍ଦେହଜନକ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଏବେ ବଡ଼ ମୋଡ଼ ନେଇଛି । ମୃତକଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଏହା ଏକ ସାଧାରଣ ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟା । ବାପାଙ୍କ ପକ୍ଷରୁ ସ୍ୱାମୀ ଦିଲୀପ ସାହୁ ଏବଂ ଅନ୍ୟ ଦୁଇ ଜଣଙ୍କ ନାମରେ ସ୍ୱତନ୍ତ୍ର ଏତଲା ଦିଆଯାଇଥିଲେ ମଧ୍ୟ କୋଟଗଡ଼ ପୋଲିସ କେବଳ ଅଭିଯୁକ୍ତ ଦିଲୀପଙ୍କୁ ଗିରଫ କରିବା ଓ ଜଣେ ଗମ୍ଭୀର ଅପରାଧ ମାମଲାର ଅଭିଯୁକ୍ତକୁ ପୋଲିସ ଭ୍ୟାନ୍ ବା ପାଟ୍ରୋଲିଂ ଗାଡ଼ିରେ ନେବା ବଦଳରେ, ଏକ ସାଧାରଣ ବାଇକ୍ ରେ ବସାଇ କୋର୍ଟ ଚାଲାଣ କରିବା ଦୃଶ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପୋଲିସର ଏପରି ଅଜବ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ, କାହିଁକି ପୋଲିସ ଅଭିଯୁକ୍ତକୁ ସୁରକ୍ଷିତ ଭାବେ କୋର୍ଟ ନନେଇ ଏଭଳି ଅସାବଧାନତା ପ୍ରଦର୍ଶନ କରୁଛି।ଘଟଣାରେ ସଂପୃକ୍ତ ଥିବା ଅନ୍ୟ ପ୍ରମୁଖ ଦୋଷୀମାନଙ୍କୁ ପୋଲିସ ପକ୍ଷରୁ ଜାଣିଶୁଣି ଛାଡ଼ିଦିଆଯାଇଥିବା ଏବଂ ମାମଲାକୁ ଚାପିଦେବାକୁ ଉଦ୍ୟମ କରାଯାଉଥିବା ନେଇ ମୃତକଙ୍କ ବାପା ଅଭିଯୋଗ ଆଣିଛନ୍ତି । ଝିଅକୁ ହରାଇବା ପରେ ଏବେ ନ୍ୟାୟ ପାଇଁ ସେ ରାଜ୍ୟ ସରକାର ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଯେତିକି ରହସ୍ୟମୟ,ତାଠାରୁ ଅଧିକ ରହସ୍ୟମୟ ପାଲଟିଛି କୋଟଗଡ଼ ପୋଲିସର କାର୍ଯ୍ୟାନୁଷ୍ଠାନ । ଏତଲାରେ ଏକାଧିକ ଅଭିଯୁକ୍ତଙ୍କ ନାଁ ରହିଥିବା ବେଳେ କେବଳ ଜଣଙ୍କୁ ଗିରଫ କରାଯିବା ଏବଂ ସବୁଠୁ ବଡ଼ କଥା ହେଲା ଜଣେ ଅପରାଧୀକୁ ପୋଲିସ ଗାଡ଼ି ବଦଳରେ ବାଇକ୍ ରେ ବସାଇ କୋର୍ଟ ଚାଲାଣ କରାଯିବା ଦୃଶ୍ୟ ପୋଲିସର ନିରପେକ୍ଷତା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି । ଏବେ ଦେଖିବାକୁ ବାକି ରହିଲା, ଏସପି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହେବା ପରେ ମୃତ ନବବଧୂଙ୍କ ପରିବାରକୁ ପ୍ରକୃତ ନ୍ୟାୟ ମିଳୁଛି କି ନାହିଁ ।

ଓଡ଼ଗାଁ ଡାକ୍ତରଖାନାର ଜଣେ ସ୍ଥାୟୀ ଡାକ୍ତରଙ୍କ ଇସ୍ତଫା

ନୟାଗଡ଼ ବିଧାୟକଙ୍କ ଓଡ଼ଗାଁ ଡାକ୍ତରଖାନା ଅଚାନକ ପରିଦର୍ଶନ

ତିନି ସପ୍ତାହ ମଧ୍ୟରେ ଅବ୍ୟବସ୍ଥା ନସୁଧୁରିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ



ଓଡ଼ଗାଁ ୧୩/୧୧(ଆନିସ): ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଶୁକ୍ରବାର ଅଚାନକ ଓଡ଼ଗାଁ ଡାକ୍ତରଖାନାକୁ ପରିଦର୍ଶନରେ ଆସି ଡାକ୍ତରଖାନା ସମସ୍ୟା ସମ୍ପର୍କରେ ଉପସ୍ଥିତ ଡାକ୍ତରଙ୍କୁ ପଚରାଉଚୁରା କରିବା ପରେ ୩ ସପ୍ତାହ ମଧ୍ୟରେ ଡାକ୍ତରଖାନା ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ସାଙ୍ଗରେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁଙ୍କ ସମେତ ଅନ୍ୟ ବିଜେଡି ନେତାମାନେ ଥିଲେ।ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଆବଶ୍ୟକ ଡାକ୍ତରଙ୍କ ଅଭାବ ରହିଥିବା ବେଳେ କିଛି ଦିନ ପୂର୍ବେ ଜଣେ ଡାକ୍ତର ପିଜି ପାଠ ପଢ଼ିବାକୁ ଚାଲିଗଲେ। ଓଡ଼ଗାଁ ଡାକ୍ତରଖାନାରେ ସ୍ଥାୟୀ ଭାବେ ନିଯୁକ୍ତ ହୋଇଥିବା ଡାକ୍ତର ଶୁଭସ୍ମିତା ମହାନ୍ତି ଗତ ସପ୍ତାହରେ ଚାକିରିରୁ ଇସ

ବେଗୁନିଆପଡ଼ାରେ ଏକୀକୃତ ପେନସନ ପୋର୍ଟାଲର ଶୁଭାରମ୍ଭ, ୨୭୦୦ ନୂଆ ହିତାଧିକାରୀଙ୍କୁ ମିଳିଲା ଭତ୍ତା



କୋଦଳା, ୧୩।୧୧ (ଆନିସ): ଏଣିକି ପେନସନ ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବନି। ବୟସ ୮୦ ବର୍ଷ ହେବା ମାତ୍ରେ ସ୍ୱୟଂଚାଳିତ ଭାବେ ବୃଦ୍ଧି ହେବ ପେନସନ। ହିତାଧିକାରୀଙ୍କୁ ସୁବିଧାରେ ଓ ନିୟମିତ ଭାବେ ଭତ୍ତା ପ୍ରଦାନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏକୀକୃତ ପେନସନ ପରିଚାଳନା ପୋର୍ଟାଲ। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ପରିସରରେ ଏହି ପୋର୍ଟାଲର ବ୍ଲକସ୍ତରୀୟ ଶୁଭାରମ୍ଭ ସହ ନୂତନ ହିତାଧିକାରୀଙ୍କୁ, ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବେଗୁନିଆପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ମୋଟ ୨୭୦୦ ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଅକ୍ଟୋବର ମାସଠାରୁ ଏହି ହିତାଧିକାରୀମାନଙ୍କୁ ଭତ୍ତା ମିଳିବା ଆରମ୍ଭ ହୋଇଛି।

ଏହି ନୂଆ ବ୍ୟବସ୍ଥା ଦ୍ୱାରା ପେନସନ ପ୍ରଦାନ ପ୍ରକ୍ରିୟା ଅଧିକ ସରଳ ଓ ସ୍ୱଚ୍ଛ ହେବା ସହ ହିତାଧିକାରୀମାନେ ନିୟମିତ ସମୟରେ ଭତ୍ତା ପାଇପାରିବେ। ବିଶେଷ କରି ୮୦ ବର୍ଷ ବୟସ ହେବା ପରେ ସ୍ୱୟଂଚାଳିତ ଭାବେ ପେନସନ ବୃଦ୍ଧି ହେବ। ଫଳରେ ଏଥିପାଇଁ ହିତାଧିକାରୀଙ୍କୁ ଆଉ ଆବେଦନ କିମ୍ବା ଅଫିସ ଦୌଡ଼ିବାକୁ ପଡ଼ିବ ନାହିଁ ବୋଲି ସାଂସଦ ଓ ବିଧାୟକ ପ୍ରକାଶ କରିଛନ୍ତି।

ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ବା ଏନ୍‌ଏସ୍‌ଏପି ଅଧୀନରେ ଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଭାଗ ଟଙ୍କା ମଧ୍ୟ ଏଣିକି ନଗଦ ଆକାରରେ ପ୍ରଦାନ କରାଯିବ। ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବିଧବା ଭତ୍ତା ଏବଂ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନାର ହିତାଧିକାରୀମାନେ ଏହି ସୁବିଧା ପାଇପାରିବେ।

ଅନ୍ୟପଟେ ଯେଉଁ ନୂତନ ହିତାଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଭତ୍ତା ପାଇପାରି ନାହାନ୍ତି, ସେମାନଙ୍କୁ ଆସନ୍ତା ନଭେମ୍ବର ୧୫ ତାରିଖରେ ନିଜ ନିଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ନଗଦ ଆକାରରେ ଭତ୍ତା ପ୍ରଦାନ କରାଯିବ। ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନୂତନ ହିତାଧିକାରୀମାନେ ଅନ୍ୟ ହିତାଧିକାରୀଙ୍କ ଭଳି ନିୟମିତ ଭାବେ ଭତ୍ତା ପାଇବେ।

ଏହି କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବିଡିଓ ସୁନୀଲ ସାମନ୍ତ, ଅତିରିକ୍ତ ବିଡିଓ ନିରଞ୍ଜନ ବେହେରା, ବ୍ଲକ ଉପାଧକ୍ଷ ସୁଧାକର ପ୍ରଧାନ, ଏଇଇ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ ପେନସନ ପରିଚାଳନା ବ୍ୟବସ୍ଥା ଦ୍ୱାରା ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ଅଧିକ ସୁବିଧାରେ ସରକାରୀ ସହାୟତା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି।

ବୁଗୁଡ଼ାରେ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ଉନ୍ମୋଚିତ, ୧୮୭୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ବୁଗୁଡ଼ା,୧୩।୧୧ (ଆନିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବୁଗୁଡ଼ା ବ୍ଲକ ସ୍ତରୀୟ ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସରକାରଙ୍କ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପୋର୍ଟାଲର ଶୁଭ ଉନ୍ମୋଚନ କରିବା ସହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ।ଏହି ଅବସରରେ ବୁଗୁଡ଼ା ବ୍ଲକର ୧୭୯୫ ଜଣ ଏବଂ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୮୨ ଜଣ, ଏହିପରି ମୋଟ ୧୮୭୭ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା।ଏଥିସହ ତିନି ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଥିଲା।ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପେନସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସରଳତା ଆସିବା ସହ ଯୋଗ୍ୟ ହିତାଧିକାରୀମାନେ ସୁବିଧାରେ ସରକାରୀ ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି।ଏହା ଦ୍ୱାରା ପ୍ରକୃତ ଓ ଯୋଗ୍ୟ ହିତାଧିକାରୀମାନେ ବିନା କୌଣସି ଅସୁବିଧାରେ ସହଜରେ ସରକାରୀ ଜନକଲ୍ୟାଣ ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ଏନଏସି ଚାଉଁଛି ଜଳାଶୟ ପୋତିବ: ନିୟମକୁ ଫୁ



କାଶୀନଗର, ୧୩।୧୧ (ଆନିସ): କାଶୀନଗର ସହର ଟି ବଂଶଧାର। ନଦୀକୂଳ ରେ ଅବସ୍ଥିତ ।

ପ୍ରକାଶ ଥାଉକି ଆମକୁ ଅର୍ଣ୍ଣବ ବାତ୍ୟା ଫଳରେ ଜମି, ବାଡି ଖେତ ରେ ପରିପୂର୍ଣ୍ଣ,ହେଲେ ଦଇବ ଦଉଡି ମଣିଷ ଗାଈ ଭଳି ଏଠାରେ ମିଳେ ନା ଫସଲ ନା ପାଳ ।ନିକଟ ରେ ଥିବା ଜଳାଶୟ ଗୁଡିକୁ ଆପତ୍ତି କାଳୀନ ସେବା ନିମନ୍ତେ ରକ୍ଷା କବଚ ଭାବେ କାମ କରେ ।ସବୁ ଠାରେ ହେଲେ ଏନ ଏ ସି କେଉଁଠି ଜଳାଶୟ ପୋତାଯିବ ସେ ଦୃଷ୍ଟି ରେ ରହିଛି । ପୋଟେଲ ରୋଡ଼ ର ଅବସ୍ଥା ଏତେ ଖରାପ ଯେ ଲୁହା ରୋଡ଼ ଦେଖାଯାଉଛି । ପ୍ରାକୃତିକ ନାଳ ବା ଜଳାଶୟ କୁ କୌଣସି ସରକାର ପୋତି ପାରିବେ ନାହିଁ । ରଫ କଡ଼ ରୁ ପ୍ରାୟ ୧୫ ଫୁଟ ଆବର୍ଜନା ଭର୍ତି କରି ଜଳାଶୟ ଭକୁ ପୋତି ଦେବାରେ ରହିଛି ଏହି ଏନଏ ସି କାଶୀନଗର । ବିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ କରାଯାଇଛି ହେଲେ ଫଳ ଶୂନ । କତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ ହେଉଛି, ବାରମ୍ବାର ଅଳିଆ ଆବର୍ଜନା ଟ୍ରାକ୍ଟର ଗୁଡିକ ସେହି ଜଳାଶୟ ରେ ପକାଇଦିଅନ୍ତି, ଯାହାଫଳରେ ଜଳାଶୟ ପୋତି ହୋଇ ଯାଉଛି । ନା ଏନ ଏ ସି ନା ଜଳ ସେଚନ ବିଭାଗ କିଏବି ଏହାର ରକ୍ଷଣା ବେକ୍ଷଣ ଦାଇତ୍ୱ ନେଉ ନାହାନ୍ତି । ଚାଷୀ ର କ୍ଷେତ ରେ ଅଂଟାଏ ପାଣି । ଚାଷୀକୁ କ୍ଷତି ପୁର୍ଣ ଓ ରକ୍ଷଣା ବେକ୍ଷଣ ବିଭାଗ କରିବା କଥା କରୁନି ।

ଜୟପୁରରେ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

ଜୟପୁର,୧୩।୧୧ (ଆନିସ): ଆସନ୍ତା ୨୯ ନଭେମ୍ବରରେ ଜୟପୁର ପାଲିଗୁଡ଼ାସ୍ଥିତ ଗୋଶାଳା ପରିସରରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଭୂମିପୂଜନ ଓ ଆୟୋଜନ ନେଇ ପ୍ରକାଶ କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ହୋଇଥିଲା।ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଯଜ୍ଞକୁ ସଫଳ ଓ ଭବ୍ୟ ଭାବେ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସାମାଜିକ ସଂସ୍ଥାର ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଥିଲା।ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯଜ୍ଞ ସମୟରେ ପାନୀୟ ଜଳ, ଶୌଚାଳୟ ଓ ସ୍ୱଚ୍ଛତା ବ୍ୟବସ୍ଥା ସହ ପୌରପାଳିକା ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଗଞ୍ଜାମ ଜିଲ୍ଲାସ୍ତରୀୟ ସୁରଭିରେ କୁକୁଡ଼ାଖଣ୍ଡି ବ୍ଲକର ସଫଳତା



କୁକୁଡା।ଖଣ୍ଡି,୧୩।୧୧ (ଆନିସ): ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ରେ ନିଜର ପ୍ରତିଭାର ପରିଚୟ ଦେଇ କୁକୁଡ଼ାଖଣ୍ଡି ବ୍ଲକ ପାଇଁ ଗୌରବ ଆଣିଛନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ କୁକୁଡ଼ାଖଣ୍ଡିର ନବମ ଶ୍ରେଣୀର ଛାତ୍ର ବିନୋଦ କୁମାର ସାହୁ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁସୁମିର ଛାତ୍ରୀ ଭାବନା ସାହୁ। ବିନୋଦ ପିଏମ ପୋଷଣ ଚିତ୍ରାଙ୍କନ ଓ ଭାବନ। ସଙ୍ଗୀତ ପ୍ରତଯୋଗୀତାରେ ଅଂଶ ଗ୍ରହଣ କରି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ ହୋଇ କୁକୁଡ଼ାଖଣ୍ଡି ବ୍ଲକ୍ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି ସୁରଭି -୨୦୨୬ ରେ କୁକୁଡ଼ାଖଣ୍ଡି ବ୍ଲକର ମୋଟ ଆଠ ଜଣ ଛାତ୍ରଛାତ୍ରୀ ଯଥା ପ୍ରଥମ ସ୍ଥାନରେ ଦୁଇ ଜଣ, ଦ୍ୱିତୀୟ ସ୍ଥାନରେ ତିନି ଜଣ ଓ ତୃତୀୟ ସ୍ଥାନରେ ତିନି ଜଣ ସଫଳ ହୋଇଛନ୍ତି। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀମାଞ୍ଚଳ କାର୍ଜି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ବସନ୍ତ କୁମାର ସେଠୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହ କୁକୁଡ଼ାଖଣ୍ଡି ବ୍ଲକ ଶିକ୍ଷକ ପରିବାର ତରଫରୁ ସେମାନଙ୍କ ଅସାଧାରଣ ସଫଳତା ପାଇଁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ପାଇଁ ଡଃ ସନାତନ ପ୍ରଧାନ, ସୁଜାତାରାଣୀ ଦାଶ ଓ ଜ୍ୟୋତିର୍ମୟୀ ରେଢ଼ୀ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ। ଉଭୟଙ୍କ ଏହି ସଫଳତାକୁ ନେଇ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଜୟପୁରରେ ୧୮୨ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ବଣ୍ଟନ

୪ ବର୍ଷରେ ହିତାଧିକାରୀ ସଂଖ୍ୟା ୨,୫୦୦ରୁ ବୃଦ୍ଧି ପାଇ ୧୨,୫୦୦



ଜୟପୁର ,୧୩।୧୧ (ଆନିସ): ଜୟପୁର ପୌରପାଳିକା ପରିଷଦ ହଲ୍‌ଠାରେ ନୂତନ ଭାବେ ମଞ୍ଜୁର ହୋଇଥିବା ୧୮୨ ଜଣ ମଧୁବାବୁ ପେନ୍‌ସନ୍ ହିତାଧିକାରୀଙ୍କୁ ୟୁପିଏମ୍‌ପି କାର୍ଯ୍ୟକ୍ରମ ଜରିଆରେ ପେନ୍‌ସନ୍ ବଣ୍ଟନ କରାଯାଇଛି। ଗତ ୪ ବର୍ଷ ମଧ୍ୟରେ ଜୟପୁର ଅଞ୍ଚଳରେ ପେନ୍‌ସନ୍ ହିତାଧିକାରୀଙ୍କ ସଂଖ୍ୟା ୨,୫୦୦ରୁ ବୃଦ୍ଧି ପାଇ ୧୨,୫୦୦ରେ ପହଞ୍ଚିଛି।ନୂତନ ବ୍ୟବସ୍ଥା ଅନୁଯାୟୀ, ୧,୦୦୦ ଟଙ୍କା ପେନ୍‌ସନ୍ ପାଉଥିବା ହିତାଧିକାରୀଙ୍କୁ ୮୦୦ ଟଙ୍କା ନଗଦ ଏବଂ ୨୦୦ ଟଙ୍କା ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ କରାଯିବ। ସେହିପରି ୩,୫୦୦ ଟଙ୍କା ପେନ୍‌ସନ୍ ପାଉଥିବା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୩,୦୦୦ ଟଙ୍କା ନଗଦ ଏବଂ ୫୦୦ ଟଙ୍କା ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବାପୂର୍ବରୁ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ଖାଲି ସ୍ଥାନ ସୃଷ୍ଟି ହେବା କିମ୍ବା ନୂତନ ଯୋଜନା ଆସିବାକୁ ଅପେକ୍ଷା କରିବାକୁ ପଡ଼ୁଥିଲା। ମାତ୍ର ଏବେ ଯୋଗ୍ୟ ବ୍ୟକ୍ତି ଆବେଦନ କରିବାର ୧୫ ଦିନ ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ଶେଷ କରି ଯୋଗ୍ୟତା ଅନୁଯାୟୀ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା କରାଯାଉଛି।ଏହି କାର୍ଯ୍ୟକ୍ରମରେ ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ, ଜୟପୁର ଉପଖଣ୍ଡ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୀମାଚଳ ମେଳକା, ପୌରପାଳିକା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମହାପାତ୍ର, ସ୍ମିତାରାଣୀ ଜେନା, ପୌରପାଳିକା ଅଧିକାରୀ ସଞ୍ଜୟ କୁମାର ମାର୍ଥା, ସତ୍ୟନାରାୟଣ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

ତୁଳାପଡା ଠାରେ ସାପ୍ତାହିକ ହାଟର ଶୁଭାରମ୍ଭ



ନର୍ଲା ,୧୩।୧୧(ଆନିସ)- ନର୍ଲା ବ୍ଲକ ଅନ୍ତର୍ଗତ ତୁଳାପଡା ମା ପାଝରାଣୀ ମନ୍ଦିର ପ୍ରାଙ୍ଗଣରେ ଏକ ସାପ୍ତାହିକ ହାଟ ଉଦଘାଟିତ ହୋଇଛି। ସପ୍ତାହର ଶୁକ୍ରବାର ଦିନ ଏହି ହାଟରେ ପନିପରିବା କିଣାବିକା କରିବା ନିମନ୍ତେ ଏ ଅଞ୍ଚଳର ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଥିବା ବେଳେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏଥିରେ ଅନ୍ୟ ଅତିଥି ଭାବେ ନର୍ଲା ବ୍ଲକ ସରପଂଚ ସଂଘ ସଭାପତି ଅନ୍ତରାମ ମାଝି,ବାଗପୁର ସରପଂଚ ଗୋପାଳ କୃଷ୍ଣ ହାତୀ,ତୁଳାପଡା ସରପଂଚ ମଲ୍ଲିହାର ପଧାନ,ତୁଳାପଡା ଦାମୋଦର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସୁନାନୀ,ତୁଳାପଡା ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ସୁଶୀଲ ସେନାପତି, ଅର୍ଥନୀତି ଅଧାପକ ସମୀର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ ଇତିହାସ ଅଧାପକ ବିଜୟ ଭୋଇ ଓ ଯାଦବ ପଧାନ ମଞ୍ଚ ପରିଚାଳନା କରିଥିଲେ।ତୁଳାପଡା ଗୌନ୍ତିଆ ମନମୋହନ ନାଏକ, ଯୁବନେତା ଯତୀନ ନାଏକ, ସ୍ୱେଚ୍ଛାସେବୀ ଝସକେତନ ଭୋଇ, ଗୋପାଳ ନାଗ, ସନ୍ତୋଷ ନାଏକ,ବିଦୁର ନାଏକ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଯୁବ ପ୍ରତିଭା ଆଶୁତୋଷ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମହକାଲ ଟିମ୍? ଏବଂ ଏମପିଏସ୍‌ଏର ସମସ୍ତ ସଦସ୍ୟଙ୍କ ସହଯୋଗରେ ସାପ୍ତାହିକ ହାଟର ବ୍ୟବସ୍ଥା କରିଥିଲେ।

ଚାଷୀଙ୍କ ସଫଳତାକୁ ସମ୍ମାନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ମୁନିଗୁଡ଼ା ,୧୩/୧୧(ଆନିସ): ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେରାୟଗଡା ଜିଲ୍ଲା ମୁନିଗୁଡ଼ା ପ୍ରାଣୀସମ୍ପଦ କାର୍ଯ୍ୟଳୟରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା -୨୦୨୬ ଉଦଯାପିତ ହୋଇଯାଇଛି। ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ ଡ଼. ଶଶାଙ୍କ ଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମ କଟକ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ନୀଳମାଧବ ହିକକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ନାରିକେଳ ଭାଙ୍ଗି ସଭା ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼, ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧକାରୀ ରାୟଗଡା ଡ଼ଢ଼ୁର ଅଶୋକ କୁମାର ବେହେରା, ଅତରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ରାୟଗଡା ଡ଼ଢ଼ୁର ପ୍ରବୀର କୁମାର ମହାପାତ୍ର ଓ ବିପ୍ର ବେହେରା, ଉପ ନିର୍ଦ୍ଦେଶକ ପ୍ରାଣୀ ସମ୍ପଦ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଡ଼ଢ଼ୁର ବିରଞ୍ଚି ନାରାୟଣ ମିଶ୍ର,ଗୋଷ୍ଠୀ ପ୍ରାଣୀ ଚିକତ୍ସା ଅଧିକାରୀ ଡ଼ଢ଼ୁର ଶଙ୍କର ହିଆଲ, ସହକାରୀ ମତ୍ସ୍ୟ ଅଧିକାରୀ ମୁନିଗୁଡ଼ା ଓ ରାୟାଗଡା ରବିନାରାୟଣ ଦାସ ମଙ୍ଗରାଜ ଓ ସତାବଦ୍ଧି ସୁଭଦ୍ରା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ନିଜର ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସଫଳ ଅଗ୍ରଣୀ ଚାଷୀ ଜୟନ୍ତୀ ସାହୁ, ତ୍ରିପତି କିଲାକା,ନିରଞ୍ଜନ ସୁବୁଦ୍ଧି, ଅବିନ ଲିମା ନିଜର ଚାଷର ଅଭିଜ୍ଞତା ବର୍ଣନା କରି ଦୁଇ ହଜାର ଟଙ୍କାର ଅର୍ଥରାଶୀ, ପ୍ରମାଣ ପତ୍ର ସହ ଉତ୍ତରୀୟ ଦ୍ୱାରା ସମ୍ମାନୀତ ହୋଇଥିଲେ। ଏହାପରେ ଅଗ୍ରଣୀ ଚାଷୀ ବିସର୍ବ ବାଗ, ରୋଶନ କୁଶୁଲିଆ,ଶିବାଶିଷ ପ୍ରଧାନ ଓ ଚମ୍ପା ପୁଷିକାଙ୍କୁ ଏହି ଦୁଇ ବିଭାଗ ତରଫରୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସଭା ଆରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇ ଛାତ୍ରୀ ଓ ସଂଗୀତ ଓ କଳା ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲି ପ୍ରାରମ୍ଭିକ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର, ଟ୍ରଫି ଓ ଉତ୍ତରୀୟ ଗ୍ରହଣ ପୂର୍ବକ ସମ୍ମାନୀତ ହୋଇଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ମୁନିଗୁଡ଼ା ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

ଗଞ୍ଜାମ ଇନଭେଷ୍ଟିଗେସନ୍ ଡିଭିଜନ୍‌ର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ

ସରକାରୀ କାର୍ଯ୍ୟରେ ବିଳମ୍ବ, ଅଧିକାରୀଙ୍କ ଉତ୍ତରଦାୟିତ୍ୱ କୁଆଡ଼େ?

ଉଚ୍ଚସ୍ତରୀୟ ତଦାରଖ ଓ କାର୍ଯ୍ୟଦକ୍ଷତାର ସମ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ଆଜିର ଶିଶୁ, କାଲିର ଭବିଷ୍ୟତ

ଗୀତା ମେ ହୃଦୟଂ ପାର୍ଥ

ଶ୍ରୀମଦ୍ଭଗବଦ୍ଗୀତା ମହାଭାରତର ଭୀଷ୍ମ ପର୍ବର ଏକ ଅଂଶ ବିଶେଷ, ଯାହା ସାତଶହ ଶ୍ଲୋକରେ ବିମଣ୍ଡିତ। ଏହା କେବଳ ଗୋଟିଏ ଧାର୍ମିକ ପୁସ୍ତକ ନୁହେଁ, ବରଂ ଜୀବନର ପ୍ରତିଟି ଦ୍ୱନ୍ଦ୍ୱ ଓ ସମସ୍ୟାର ସମାଧାନ ନିମନ୍ତେ ଏକ ମାର୍ଗଦର୍ଶିକା। ଏଥିରେ ମୁଖ୍ୟତଃ ଜ୍ଞାନ ଯୋଗ, ଧ୍ୟାନ ଯୋଗ, କର୍ମ ଯୋଗ ଓ ଭକ୍ତି ଯୋଗର ବାର୍ତ୍ତା ମାଧ୍ୟମରେ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ତ ଅର୍ଜୁନଙ୍କ ସମସ୍ତ ସନ୍ଦେହକୁ ବିମୋଚନ କରିଛନ୍ତି। ଏହି ଶାସ୍ତ୍ର ବେଦ ,ବେଦାନ୍ତ ଓ ଧର୍ମ ଗ୍ରନ୍ଥାଦିର ନିର୍ଯ୍ୟାସ ଅଟେ। ତେଣୁ ଏହାକୁ ସଂସାରର ସର୍ବଶ୍ରେଷ୍ଠ ଅମୂଲ୍ୟ ସମ୍ପଦ କୁହାଯାଏ। ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ ଶ୍ରୀମଦ୍ଭଗବଦ୍ଗୀତା ହୋଇଥିଲେ ମଧ୍ୟ, ସେ ଏହି ତତ୍ତ୍ୱଗର୍ଭ ଶାସ୍ତ୍ରକୁ ଅତ୍ୟନ୍ତ ଭଲ ପାଆନ୍ତି । ଅତଃ ଶ୍ରୀକୃଷ୍ଣ କହିଛନ୍ତି: ଗୀତା ମେ ହୃଦୟଂ ପାର୍ଥ ଗୀତା ମେ ସାରମୁତ୍ତମମ୍ । ଗୀତା ମେ ଜ୍ଞାନମତ୍ୟୁଗ୍ରଂ ଗୀତା ମେ ଜ୍ଞାନମବ୍ୟୟମ୍ ।। ଅର୍ଥାତ୍ ହେ ପାର୍ଥ (ଅର୍ଜୁନ) ! ଶ୍ରୀମଦ୍ଭଗବଦ୍?ଗୀତା ହେଉଛି ମୋର ହୃଦୟ ସ୍ୱରୂପ । ଯେପରି ହୃଦୟ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସେପରି ଗୀତା ମଧ୍ୟ ମୋର ଅନ୍ତରଙ୍ଗ ଜ୍ଞାନ ଓ ପ୍ରେମର ପ୍ରତୀକ ଏଂ ଅତ୍ୟନ୍ତ ତେଜସ୍ୱୀ (ଉଗ୍ର) ଜ୍ଞାନ ଯୁକ୍ତ ଅଟେ। ଏହି ଜ୍ଞାନ ମନୁଷ୍ୟର ଅଜ୍ଞାନତା ଓ ମୋହକୁ ନାଶ କରିବାରେ ର୍ସସମର୍ଥ । ଏହା ହେଉଛି ଏପରି ଏକ ଅବିନାଶୀ ବା ଅକ୍ଷୟ ଜ୍ଞାନ , ଯାହା ସମସ୍ତ କାଳରେ ପ୍ରାସଙ୍ଗିକତା ରହିଛି ।

ଅନେକ ବିଜ୍ଞ ଅର୍ଜୁନଙ୍କୁ ଜ୍ଞାନୀ ବୋଲି ଅଭିହିତ କରିଛନ୍ତି। ଏଣୁ ସେମାନେ କହିଛନ୍ତି ଜ୍ଞାନମ୍ ଅର୍ଜୟତୀତି ଅର୍ଜୁନଃ। ଏପରି ଜ୍ଞାନୀ ବୀର ପୁରୁଷ ନିଜର ପୁରୁଷାର୍ଥ ଦ୍ୱାରା ସ୍ୱଦେହରେ ସ୍ୱର୍ଗକୁ ଯାଇ ଶସ୍ତ୍ର ଆଣି ପାରିଥିଲେ। ତଥାପି ସେହି ଅର୍ଜୁନ କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ଜ୍ଞାନ ବାଣୀ ବିନା କିଂକର୍ତ୍ତବ୍ୟବିମୁଢ଼ ହୋଇ ଯାଇଥିଲେ। ସେ ପାବନୀ ଗୀତାମାତା ଓ ଗୁରୁ ଶ୍ରୀକୃଷ୍ଣଙ୍କ କୃପାରୁ ହିଁ ସଶକ୍ତ ହୋଇ ପାରିଥିଲେ। ଗୀତା ବାଣୀ କେବେବି ଅହିଂସା ବା ନିରଙ୍କାରୀ ବ୍ୟକ୍ତିକୁ ହିଂସ୍ର କରିନଥାଏ, ଅପିତୁ ହିଂସ୍ର ବା ଅହଙ୍କାରୀମାନଙ୍କୁ ଅହିଂସା ପରାୟଣ ବ୍ୟକ୍ତିମାନେ ଉଚିତ ଶିକ୍ଷା ଦେଇଥାନ୍ତି। ଗୀତା ବାଣୀ ମନୁଷ୍ୟମାନଙ୍କୁ କର୍ମକୁଢ଼ି କରେନାହିଁ ଅପିତୁ କର୍ତ୍ତବ୍ୟ ବୋଧ ଶିଖାଇବା ସହିତ ନିରହଙ୍କାରୀ – ନିଷ୍କାମର ଶିକ୍ଷା ଦେଇଥାଏ। ଯେପରି କର୍ମଣ୍ୟେବାଧିକାରସ୍ତେ ମା ଫଲେଷୁ କଦାଚନ । ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।। ଅର୍ଥାତ୍, କର୍ମ କରିବା ଉପରେ ହିଁ ତୁମର ଅଧିକାର ଅଛି, କିନ୍ତୁ କର୍ମ ଫଳ ଉପରେ ନୁହେଁ ।ଫଳର ଆଶା ନ ରଖି ନିଜର କର୍ତ୍ତବ୍ୟ ପାଳନ କରିବା ହିଁ ନିଷ୍କାମ କର୍ମ ଯୋଗ ଅଟେ। ଯେତେବେଳେ ମନୁଷ୍ୟ ଫଳର ଚିନ୍ତା ନ କରି କର୍ମ କରେ, ସେତେବେଳେ ସେ ମାନସିକ ଶାନ୍ତି ଲାଭ କରିଥାଏ । ସେପରି ଶରୀର ନଶ୍ୱର, କିନ୍ତୁ ଆତ୍ମା ଅମର ବୋଲି ଆତ୍ମା – ପରମାତ୍ମା ତତ୍ତ୍ୱ ଜ୍ଞାତ କରାଇବା ସହ ଦୁଃଖମୟ ସଂସାରକୁ ନନ୍ଦନବନରେ ପରିଣତ କରାଇଦିଏ। ଶେଷରେ ଜୀବକୁ ପରମପଦକୁ ପ୍ରେରିତ କରିବା ପାଇଁ ମାର୍ଗ ଦେଖାଇଥାଏ। ତେଣୁ ଏହି ଗୀତା ଶାସ୍ତ୍ର ବ୍ୟତୀତ ଅନ୍ୟ କୌଣସି ଶାସ୍ତ୍ରକୁ ଭଗବାନ ନିଜର ହୃଦୟ ବୋଲି କହିନାହାନ୍ତି ।

ବୈଦିକ ଧର୍ମଶାସ୍ତ୍ର ପରମ୍ପରା ଅନୁଯାୟୀ ଯଜ୍ଞଶାଳା, ଦେବାଳୟ, ତୀର୍ଥକ୍ଷେତ୍ର ଏବଂ ଧର୍ମସ୍ଥାନ ଆଦିରେ ଧର୍ମ ଓ ଜ୍ଞାନ ପ୍ରାପ୍ତ ହୋଇଥାଏ କିନ୍ତୁ ଗୀତା ବାଣୀର ଏପରି ସାମର୍ଥ୍ୟ ରହିଛି ଯେ ଧର୍ମକ୍ଷେତ୍ର – କୁରୁକ୍ଷେତ୍ରର ଯୁଦ୍ଧ ପ୍ରାଙ୍ଗଣରେ ଅର୍ଜୁନ ଧର୍ମର ପରମ ତତ୍ତ୍ୱ ପାଇ ପାରିଥିଲେ। ଯାହାଫଳରେ ସେ ମୋହ ଭଙ୍ଗକରି ସ୍ୱଧର୍ମରେ ବ୍ରତୀ ହୋଇ ପାରିଥିଲେ। ଏହି ଗୀତାରେ ସଂସାରର ସମସ୍ତ ଶ୍ରେଷ୍ଠଜ୍ଞାନ ଓ ସର୍ବୋଚ୍ଚ ସାରାଂଶ ନିହିତ ରହିବା ସହିତ ଈଶ୍ୱରଙ୍କର ମାନବଜାତି ପ୍ରତି ଥିବା ସ୍ନେହ ଓ ପ୍ରେମର ପରିଭାଷା ମଧ୍ୟ ବର୍ଣ୍ଣିତ ହୋଇଛି । ଏଣୁ ଏହାର ନିତ୍ୟ ପଠନ ଏଂ ଉପଦେଶକୁ ଜୀବନରେ ଆଚରଣ କଲେ ମନୁଷ୍ୟ ସମସ୍ତ ଦୁଃଖରୁ ମୁକ୍ତି ପାଇ ପରମ ପଦକୁ ପ୍ରାପ୍ତ କରିଥାଏ। କାରଣ ଏହା ହେଉଛି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ହୃଦୟ ।

ଶିଶୁଙ୍କ ହାତରେ ଦେଶର ଆସନ୍ତାକାଲି, ତେଣୁ ସେମାନଙ୍କ ସ୍ୱପ୍ନକୁ ସୁରକ୍ଷା ଦେବା ଆଜିର ସବୁଠାରୁ ବଡ଼ ଦାୟିତ୍ୱ ।

ଶିଶୁ ହେଉଛି ଆଗାମୀ ଦିନର ଆଶା, ସମାଜର ସମ୍ଭାବନା ଏବଂ ଦେଶର ଭବିଷ୍ୟତର ସବୁଠାରୁ ମୂଲ୍ୟବାନ ସମ୍ପଦ। ଆଜି ଯେଉଁ ଛୋଟ ହାତରେ ଖେଳଣା, ବହି, କଲମ ଓ ରଙ୍ଗତୂଳୀ ରହିଛି, ଆସନ୍ତାକାଲି ସେହି ହାତରେ ଦେଶର ଶାସନ, ବିଜ୍ଞାନ, ଶିକ୍ଷା, ଅର୍ଥନୀତି, ସଂସ୍କୃତି ଓ ସମାଜର ଦାୟିତ୍ୱ ରହିବ। ତେଣୁ ଶିଶୁ ଦିବସ କେବଳ ଆନନ୍ଦ, ଉତ୍ସବ, ମିଠା ବଣ୍ଟନ ଓ ଫୁଲମାଳରେ ସୀମିତ ରହିବା ଉଚିତ ନୁହେଁ ଏହା ହେଉଛି ନିଜକୁ ପ୍ରଶ୍ନ କରିବାର ଏକ ଗମ୍ଭୀର ଅବସର ଆମେ ଆମ ପିଲାମାନଙ୍କୁ କେଉଁଭଳି ଭବିଷ୍ୟତ ଦେଉଛୁ? ସେମାନଙ୍କ ପାଇଁ ଆମେ କେବଳ ବଡ଼ ବଡ଼ ସ୍ୱପ୍ନ ଦେଖାଉଛୁ, ନା ସେହି ସ୍ୱପ୍ନ ପୂରଣ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ? ନଭେମ୍ବର ୧୪ ତାରିଖ ହେଉଛି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜନ୍ମଦିନ। ଶିଶୁମାନଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ ଓ ଭଲପାଇବା ଯୋଗୁଁ ଏହି ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ସେ ଶିଶୁମାନଙ୍କୁ ଦେଶର ଭବିଷ୍ୟତ ଭାବେ ଦେଖୁଥିଲେ। ତାଙ୍କର ଏହି ଚିନ୍ତାଧାରା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। କିନ୍ତୁ ସମୟ ବଦଳିଛି, ସମାଜ ବଦଳିଛି, ଜୀବନଶୈଳୀ ବଦଳିଛି ଏବଂ ଶିଶୁମାନଙ୍କ ସାମ୍ନାରେ ଥିବା ଆହ୍ୱାନ ମଧ୍ୟ ବଦଳିଛି। ଦିନେ ଶିଶୁଙ୍କ ଖେଳପଡ଼ିଆ ଥିଲା ଗାଁର ଖୋଲା ପଡ଼ିଆ, ବିଦ୍ୟାଳୟର ଅଗଣା ଓ ଘର ସାମ୍ନାର ରାସ୍ତା ଆଜି ସେହି ଖେଳପଡ଼ିଆର ଏକ ବଡ଼ ଅଂଶ ମୋବାଇଲ ପରଦା ଭିତରକୁ ଚାଲିଯାଇଛି। ଦିନେ ଶିଶୁମାନେ ଜେଜେବାପା, ଜେଜେମାଆଙ୍କଠାରୁ ଗପ ଶୁଣି ଜୀବନର ମୂଲ୍ୟବୋଧ ଶିଖୁଥିଲେ ଆଜି ଅନେକ ଶିଶୁଙ୍କ ସମୟ ଅତିବାହିତ ହେଉଛି ଦୂରଭାଷ ଯନ୍ତ୍ରର ପରଦାରେ। ପ୍ରଯୁକ୍ତିର ବିକାଶକୁ ଅସ୍ୱୀକାର କରିବା ଆମର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ପ୍ରଯୁକ୍ତି ଯେପରି ଶିଶୁଙ୍କ ଜୀବନକୁ ସହଜ ଓ ସମୃଦ୍ଧ କରିବ, ସେଥିପାଇଁ ସଚେତନତା ଅତ୍ୟନ୍ତ ଆବଶ୍ୟକ। ଆଜିର ଶିଶୁ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟ, ମହାକାଶ ଗବେଷଣା, ଡିଜିଟାଲ ଶିକ୍ଷା ଓ ବିଶ୍ୱବ୍ୟାପୀ ଜ୍ଞାନର ଏକ ନୂଆ ଯୁଗରେ ବଢ଼ୁଛି। ଏହା ତାଙ୍କ ପାଇଁ ଅସୀମ ସମ୍ଭାବନାର ଦ୍ୱାର ଖୋଲିଛି। ଘରେ ବସି ଦୁନିଆର ଜ୍ଞାନ ଆହରଣ କରିବା, ନୂଆ ଭାଷା ଶିଖିବା, ନିଜ ପ୍ରତିଭାକୁ ପ୍ରକାଶ କରିବା ଏବଂ ନୂତନ ଆବିଷ୍କାର ସମ୍ପର୍କରେ ଜାଣିବା ଆଜି ଅଧିକ ସହଜ ହୋଇଛି। କିନ୍ତୁ ଏହି ସୁବିଧା ସହିତ ବିପଦ ମଧ୍ୟ ଆସିଛି। ଅତ୍ୟଧିକ ପରଦା ବ୍ୟବହାର, ଅନୁଚିତ ଦୃଶ୍ୟ, ଅଜଣା ବ୍ୟକ୍ତିଙ୍କ ସହ ଅନଲାଇନ ସମ୍ପର୍କ, ଖେଳ ପ୍ରତି ଆସକ୍ତି, ମିଥ୍ୟା ସୂଚନା ଓ ମାନସିକ ଚାପ ଶିଶୁଙ୍କ ସ୍ୱାଭାବିକ ବିକାଶକୁ ପ୍ରଭାବିତ କରିପାରେ। ତେଣୁ ଶିଶୁଙ୍କୁ କେବଳ ଯନ୍ତ୍ର ଦେଇଦେଲେ ଆମର ଦାୟିତ୍ୱ ସରିଯାଏ ନାହିଁ ସେମାନଙ୍କୁ ତାହାର ସଠିକ ବ୍ୟବହାର, ସୁରକ୍ଷା ଓ ସୀମା ସମ୍ପର୍କରେ ଶିକ୍ଷା ଦେବା ଆବଶ୍ୟକ। ଶିଶୁଙ୍କ ହାତରେ ମୋବାଇଲ ଦେବା ପୂର୍ବରୁ ଅଭିଭାବକ ନିଜକୁ ପଚାରନ୍ତୁଏହା ତାଙ୍କ ଜ୍ଞାନ ବଢ଼ାଉଛି, ନା ତାଙ୍କର ଶୈଶବକୁ ଛଡ଼ାଇ ନେଉଛି? ଆଜିର ଆଉ ଏକ ବଡ଼ ଚିନ୍ତା ହେଉଛି ଶିକ୍ଷାରେ ବଢ଼ୁଥିବା ପ୍ରତିଯୋଗିତା। ଶିଶୁର ଆଗ୍ରହ, ପ୍ରତିଭା ଓ ସାମର୍ଥ୍ୟକୁ ବୁଝିବା ପରିବର୍ତ୍ତେ ତାକୁ ଅନ୍ୟ ପିଲାଙ୍କ ସହ ତୁଳନା କରାଯାଉଛି। କିଏ ଅଧିକ ନମ୍ବର ରଖିଲା, କିଏ ଭଲ ବିଦ୍ୟାଳୟରେ ପଢ଼ିଲା, କିଏ ଅଧିକ ପୁରସ୍କାର ପାଇଲାଏହି ପ୍ରଶ୍ନ ମଧ୍ୟରେ ଶିଶୁର ନିଜସ୍ୱ ଇଚ୍ଛା ଓ ଆନନ୍ଦ ଅନେକ ସମୟରେ ହଜିଯାଉଛି। ଶିକ୍ଷାର ଉଦ୍ଦେଶ୍ୟ କେବଳ ପରୀକ୍ଷାରେ ଅଧିକ ନମ୍ବର ରଖିବା ନୁହେଁ ଜଣେ ଭଲ ମଣିଷ, ଦାୟିତ୍ୱବାନ ନାଗରିକ, ସଚ୍ଚୋଟ ବ୍ୟକ୍ତି ଓ ସମାଜ ପ୍ରତି ସମ୍ବେଦନଶୀଳ ମଣିଷ ଗଢ଼ିବା ହେଉଛି ପ୍ରକୃତ ଶିକ୍ଷାର ଲକ୍ଷ୍ୟ। ଜଣେ ଶିଶୁ ଗଣିତରେ ଦୁର୍ବଳ ହୋଇପାରେ, କିନ୍ତୁ ସଙ୍ଗୀତରେ ଅସାଧାରଣ ପ୍ରତିଭା ଥାଇପାରେ ଅନ୍ୟ ଜଣେ ପାଠପଢ଼ାରେ ମଧ୍ୟମ ହୋଇପାରେ, କିନ୍ତୁ ଖେଳ, ଚିତ୍ରକଳା, ଅଭିନୟ କିମ୍ବା ନେତୃତ୍ୱରେ ଅଦ୍ଭୁତ ଦକ୍ଷତା ଦେଖାଇପାରେ। ପ୍ରତ୍ୟେକ ଶିଶୁ ଅଲଗା, ପ୍ରତ୍ୟେକ ପ୍ରତିଭାର ନିଜସ୍ୱ ପରିଚୟ ଅଛି। ଏହି ସତ୍ୟକୁ ଅଭିଭାବକ ଓ ଶିକ୍ଷକମାନେ ହୃଦୟଙ୍ଗମ କରିବା ଦରକାର। ଶିଶୁଙ୍କୁ ଆକାଶ ଦେଖାନ୍ତୁ, କିନ୍ତୁ ନିଜ ଇଚ୍ଛାର ପକ୍ଷୀ ହୋଇ ଉଡ଼ିବାର ସ୍ୱାଧୀନତା ମଧ୍ୟ ଦିଅନ୍ତୁ। ଏହା ସହିତ ଶିଶୁ ସୁରକ୍ଷା ଆଜିର ସମାଜ ପାଇଁ ଏକ ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ। ଶିଶୁ ଶ୍ରମ, ବାଲ୍ୟବିବାହ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ଶୋଷଣ, ମାନବ ଚାଲାଣ ଏବଂ ଭିକ୍ଷାବୃତ୍ତି ପାଇଁ ଶିଶୁଙ୍କ ବ୍ୟବହାର ଭଳି ଘଟଣା ସଭ୍ୟ ସମାଜର ମୁହଁରେ କଳଙ୍କ। ଯେଉଁ ବୟସରେ ଶିଶୁଙ୍କ ହାତରେ ବହି ଓ ଖେଳଣା ରହିବା କଥା, ସେହି ବୟସରେ ଯଦି ସେମାନଙ୍କ ହାତରେ ଶ୍ରମର ଭାର ଦିଆଯାଏ, ତେବେ ଏହା କେବଳ ଜଣେ ଶିଶୁର ଅଧିକାର ହନନ ନୁହେଁ, ଏହା ଦେଶର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦେବା ସହ ସମାନ। ଗରିବୀ, ଅସଚେତନତା ଓ ସାମାଜିକ ଅବହେଳା ଯୋଗୁଁ ଅନେକ ଶିଶୁ ଆଜି ମଧ୍ୟ ଶିକ୍ଷାର ମୁଖ୍ୟଧାରାରୁ ଦୂରରେ ଅଛନ୍ତି। ରାସ୍ତାକଡ଼ରେ, ହୋଟେଲରେ, କାରଖାନାରେ ଓ ନିର୍ମାଣସ୍ଥଳରେ କାମ କରୁଥିବା ଶିଶୁଙ୍କ ଦୃଶ୍ୟ ଆମକୁ ପ୍ରତିଦିନ ପ୍ରଶ୍ନ କରୁଛିଶିଶୁ ଦିବସର ଉତ୍ସବ କାହା ପାଇଁ? କେବଳ ସୁବିଧାସମ୍ପନ୍ନ ପରିବାରର ପିଲାମାନଙ୍କ ପାଇଁ, ନା ପ୍ରତ୍ୟେକ ଅବହେଳିତ ଶିଶୁ ପାଇଁ ମଧ୍ୟ? ଶିଶୁ ଦିବସର ପ୍ରକୃତ ସାର୍ଥକତା ସେତେବେଳେ ଆସିବ, ଯେତେବେଳେ ଶେଷ ଧାଡ଼ିରେ ଥିବା ଶିଶୁଟିଏ ମଧ୍ୟ ଶିକ୍ଷା, ସୁରକ୍ଷା, ପୋଷଣ ଓ ସମ୍ମାନର ଅଧିକାର ପାଇବ। ଶିଶୁଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ସୁସ୍ଥତାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ। ଆଜି ଅନେକ ପିଲା ପାଠପଢ଼ାର ଚାପ, ପରିବାରର ଆଶା, ସାଙ୍ଗମାନଙ୍କ ସହ ତୁଳନା, ଏକାକୀପଣ ଓ ଅସଫଳତାର ଭୟରେ ମାନସିକ ଚାପ ଅନୁଭବ କରୁଛନ୍ତି। ସେମାନଙ୍କ ନୀରବତାକୁ ଅବହେଳା କରିବା ଉଚିତ ନୁହେଁ। ଶିଶୁ ଯେତେବେଳେ ନିଜର ମନକଥା କହିବାକୁ ଚାହେଁ, ସେତେବେଳେ ତାକୁ ଉପଦେଶ ଦେବା ପୂର୍ବରୁ ଶୁଣିବା ଶିଖିବା ଦରକାର। ଭୟ ଦେଖାଇ ନୁହେଁ, ଭରସା ଦେଇ ଶିଶୁଙ୍କୁ ଗଢ଼ିବାକୁ ପଡ଼ିବ। ଦଣ୍ଡ ଦେଇ ନୁହେଁ, ସ୍ନେହ ଓ ଶୃଙ୍ଖଳାର ସମନ୍ୱୟରେ ଭଲ ଅଭ୍ୟାସ ଶିଖାଇବାକୁ ହେବ। ପରିବାର ହେଉଛି ଶିଶୁର ପ୍ରଥମ ବିଦ୍ୟାଳୟ ଓ ମାତାପିତା ହେଉଛନ୍ତି ପ୍ରଥମ ଶିକ୍ଷକ। ତେଣୁ ଘରେ ସମ୍ମାନ, ସତ୍ୟବାଦିତା, ଶୃଙ୍ଖଳା, ଦୟା, ସହଯୋଗ ଓ ମାନବିକତାର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଶିଶୁ ଯାହା ଶୁଣେ ତାହାଠାରୁ ଅଧିକ ଯାହା ଦେଖେ, ସେଥିରୁ ଶିଖେ। ବଡ଼ମାନେ ଯଦି ମିଥ୍ୟା କହିବେ, ଅନ୍ୟକୁ ଅସମ୍ମାନ କରିବେ, ନିୟମ ଭାଙ୍ଗିବେ, ତେବେ ଶିଶୁଙ୍କଠାରୁ ଉତ୍ତମ ଆଚରଣ ଆଶା କରିବା ଅର୍ଥହୀନ। ଅଭିଭାବକମାନେ ପିଲାଙ୍କ ପାଇଁ ସମୟ ବାହାର କରନ୍ତୁ। ଦାମୀ ଖେଳଣା ଓ ମୂଲ୍ୟବାନ ଉପହାର ଅପେକ୍ଷା ସେମାନଙ୍କ ସହିତ କଟାଇଥିବା ଅଳ୍প ସମୟ, ଗୋଟିଏ ଗପ, ଗୋଟିଏ ହସ ଓ ଗୋଟିଏ ସ୍ନେହଭରା ଆଲିଙ୍ଗନ ଅଧିକ ମୂଲ୍ୟବାନ। ବିଦ୍ୟାଳୟର ଭୂମିକା ମଧ୍ୟ କେବଳ ପାଠ୍ୟପୁସ୍ତକ ଶେଷ କରିବାରେ ସୀମିତ ରହିବା ଉଚିତ ନୁହେଁ। ପ୍ରତ୍ୟେକ ବିଦ୍ୟାଳୟରେ ସୁରକ୍ଷିତ ପରିବେଶ, ପରିଷ୍କାର ପାନୀୟ ଜଳ, ଶୌଚାଳୟ, ଖେଳପଡ଼ିଆ, ପୁସ୍ତକାଗାର, ବିଜ୍ଞାନ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟକଳାପର ସୁଯୋଗ ରହିବା ଆବଶ୍ୟକ। ଶିକ୍ଷକମାନେ ଶିଶୁଙ୍କ ମନୋବୃତ୍ତିକୁ ବୁଝି ସେମାନଙ୍କ ମଧ୍ୟରେ ପ୍ରଶ୍ନ କରିବାର ସାହସ, ନୂଆ କଥା ଶିଖିବାର ଆଗ୍ରହ ଓ ଭୁଲରୁ ଶିଖିବାର ମନୋଭାବ ସୃଷ୍ଟି କରନ୍ତୁ। ଭୁଲ କରିବା ଅପରାଧ ନୁହେଁ ଭୁଲରୁ ଶିଖିବାର ସୁଯୋଗ ନ ଦେବା ହିଁ ପ୍ରକୃତ ଅନ୍ୟାୟ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିକ୍ଷାଗତ ବ୍ୟବଧାନ ଦୂର କରିବା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକ ଜନଜାତି ଅଞ୍ଚଳର ଶିଶୁଙ୍କୁ ସମାନ ଗୁଣାତ୍ମକ ଶିକ୍ଷା ଓ ଆଗକୁ ବଢ଼ିବାର ସୁଯୋଗ ମିଳିବା ଦରକାର। ମାତୃଭାଷାରେ ଶିକ୍ଷା ଶିଶୁଙ୍କ ଚିନ୍ତାଶକ୍ତି, ଅଭିବ୍ୟକ୍ତି ଓ ସାଂସ୍କୃତିକ ପରିଚୟକୁ ମଜବୁତ କରେ। ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ, ଲୋକକଥା, ଲୋକସଂସ୍କୃତି ଓ ଐତିହ୍ୟ ସହିତ ଶିଶୁଙ୍କୁ ପରିଚିତ କରାଇବା ଆମର ସାମାଜିକ ଦାୟିତ୍ୱ। ଆଧୁନିକ ଜ୍ଞାନ ଆହରଣ କରିବା ସହିତ ନିଜ ମାଟି, ନିଜ ଭାଷା ଓ ନିଜ ପରିଚୟକୁ ଭଲପାଇବାର ଶିକ୍ଷା ମଧ୍ୟ ଦେବାକୁ ହେବ। ଆମେ ଏପରି ପିଢ଼ି ଗଢ଼ିବାକୁ ଚାହୁଁ, ଯେଉଁମାନେ ବିଶ୍ୱରେ ପ୍ରତିଯୋଗିତା କରିବେ, କିନ୍ତୁ ନିଜ ମାଟିକୁ ଭୁଲିବେ ନାହିଁ ବିଜ୍ଞାନରେ ଆଗେଇବେ, କିନ୍ତୁ ମାନବିକତା ହରାଇବେ ନାହିଁ ସଫଳତା ହାସଲ କରିବେ, କିନ୍ତୁ ସମାଜ ପ୍ରତି ନିଜ ଦାୟିତ୍ୱକୁ ଭୁଲିବେ ନାହିଁ। ସରକାରଙ୍କ ଦାୟିତ୍ୱ ହେଉଛି ଶିଶୁଙ୍କ ଅଧିକାରର ସୁରକ୍ଷା, ଉତ୍ତମ ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟସେବା ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା। ଶିଶୁଙ୍କ ପାଇଁ ଯୋଜନା କେବଳ କାଗଜପତ୍ରରେ ନୁହେଁ, ବାସ୍ତବ ଜୀବନରେ ପହଞ୍ଚିବା ଦରକାର। ବିଦ୍ୟାଳୟ ଛାଡ଼ିଥିବା ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟଧାରାକୁ ଫେରାଇବା, କୁପୋଷଣ ଦୂର କରିବା, ଶିଶୁ ନିର୍ଯାତନା ଘଟଣାରେ ତ୍ୱରିତ ନ୍ୟାୟ ଦେବା ଏବଂ ଅସୁରକ୍ଷିତ ଶିଶୁଙ୍କୁ ସହାୟତା କରିବାରେ ପ୍ରଶାସନିକ ଦକ୍ଷତାର ପରୀକ୍ଷା ହେବା ଉଚିତ। ସମାଜ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ଓ ସଚେତନ ନାଗରିକମାନେ ମଧ୍ୟ ଏହି ଦାୟିତ୍ୱରୁ ଦୂରେଇ ରହିପାରିବେ ନାହିଁ। କୌଣସି ଶିଶୁ ବିପଦରେ ଥିଲେ ତାହାକୁ ଦେଖି ନଦେଖିବା ଭଳି ରହିବା ଅପରାଧକୁ ପରୋକ୍ଷରେ ସମର୍ଥନ କରିବା ସହ ସମାନ। ଶିଶୁଙ୍କ ସ୍ୱରକୁ ଶୁଣିବା, ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ଓ ସେମାନଙ୍କ ମତାମତକୁ ସମ୍ମାନ କରିବା ଏକ ସୁସ୍ଥ ଗଣତନ୍ତ୍ରର ପରିଚୟ। ଆମେ ଭୁଲିବା ଉଚିତ ନୁହେଁ, ଶିଶୁମାନେ କେବଳ ଆମର ଉତ୍ତରାଧିକାରୀ ନୁହନ୍ତି, ସେମାନେ ଆଜିର ସମାଜର ମଧ୍ୟ ଜଣେ ଜଣେ ସକ୍ରିୟ ସଦସ୍ୟ। ସେମାନଙ୍କର ନିଜସ୍ୱ ଭାବନା, ଅଧିକାର, ସ୍ୱପ୍ନ ଓ ସମ୍ମାନ ଅଛି। ଶିଶୁଙ୍କୁ ନିଜ ଇଚ୍ଛା ଅନୁସାରେ ଗଢ଼ିବା ପାଇଁ ଚାପ ପକାଇବା ପରିବର୍ତ୍ତେ ସେମାନଙ୍କ ଭିତରେ ଥିବା ସମ୍ଭାବନାକୁ ଚିହ୍ନିବା ଆମର କର୍ତ୍ତବ୍ୟ। ଜଣେ ଶିଶୁ ଡାକ୍ତର ହେବାକୁ ଚାହିଁପାରେ, ଅନ୍ୟ ଜଣେ କୃଷକ, ଶିକ୍ଷକ, ବୈଜ୍ଞାନିକ, କ୍ରୀଡ଼ାବିତ୍, କଳାକାର କିମ୍ବା ସମାଜସେବୀ ହେବାକୁ ସ୍ୱପ୍ନ ଦେଖିପାରେ। ପ୍ରତ୍ୟେକ ସ୍ୱପ୍ନକୁ ସମ୍ମାନ ମିଳିବା ଉଚିତ। ଶିଶୁ ଦିବସରେ ଆମେ ନିଜକୁ ଏକ ପ୍ରତିଜ୍ଞା ଦେବାକୌଣସି ଶିଶୁକୁ ଅବହେଳା କରିବା ନାହିଁ, କୌଣସି ଶିଶୁର ସ୍ୱପ୍ନକୁ ଉପହାସ କରିବା ନାହିଁ, କୌଣସି ଶିଶୁକୁ ଶୋଷଣର ଶିକାର ହେବାକୁ ଦେବା ନାହିଁ ଏବଂ ପ୍ରତ୍ୟେକ ଶିଶୁକୁ ନିଜ ପ୍ରତିଭା ପ୍ରକାଶ କରିବାର ସୁଯୋଗ ଦେବା। ଆଜି ଆମେ ଯଦି ଶିଶୁଙ୍କୁ ଉତ୍ତମ ସଂସ୍କାର, ଗୁଣାତ୍ମକ ଶିକ୍ଷା, ସୁରକ୍ଷା, ସ୍ୱାଧୀନ ଚିନ୍ତାଧାରା ଓ ମାନବିକତାର ମୂଲ୍ୟବୋଧ ଦେଇପାର

■ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

ଯୁବଶକ୍ତିଙ୍କ ନେତୃତ୍ୱ ଓ ସୃଜନଶୀଳତା ହିଁ ବିକଶିତ ଭାରତର ମୂଳ ଆଧାର



ଭବାନୀପାଟଣା,୧୩।୧୧ (ଆନିସ): 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬' ଉପଲକ୍ଷେ ଜିଲ୍ଲାସ୍ତରୀୟ ଯୁବୋତ୍ସବ ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୁବପିଢ଼ିଙ୍କୁ ଦେଶ ଗଠନର ମୁଖ୍ୟ ବାହକ ଭାବେ ଅଭିହିତ କରିବା ସଙ୍ଗେ ସଙ୍ଗେ ଯୁବକଯୁବତୀମାନେ ନିଜର ପ୍ରତିଭା, ଦକ୍ଷତା, ନବସୃଜନ ଚିନ୍ତାଧାରା ଓ ନେତୃତ୍ୱ ଗୁଣର ବିକାଶ କରି ଏକ ବିକଶିତ ଭାରତ ଗଠନରେ ସକ୍ରିୟ ଭାଗୀଦାର ହେବାକୁ ସେ ଆହ୍ୱାନ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ତନ୍ମୟ କୁମାର ଦରୱାନ ଯୁବ ନେତୃତ୍ୱର ଗୁରୁତ୍ୱ, ଶିକ୍ଷା, ଦକ୍ଷତା ବିକାଶ ଓ ନବସୃଜନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ଼ ଗୁଣନିଧି ନାୟକ ନିଜ ବକ୍ତବ୍ୟରେ ଯୁବସମାଜ କେବଳ ଭବିଷ୍ୟତର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ବିକାଶ ଯାତ୍ରାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା, ସାମାଜିକ ଦାୟିତ୍ୱବୋଧ,ଦେଶ ପ୍ରେମ ଓ ସକାରାତ୍ମକ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

ଆଜି ଟାଉନ ହଲ ଏବଂ ଇଟିସି ତାଲିମ କେନ୍ଦ୍ର ରେ ଲୋକ ନୃତ୍ୟ,ଚିତ୍ରାଙ୍କନ, କବିତା ଲିଖନ ଓ ପଥପ୍ରାନ୍ତ ନାଟକ ପ୍ରତିଯୋଗିତା ପାଇଁ ୩୫୦ ରୁ ଉର୍ଦ୍ଧ୍ୱ ୧୫ ବର୍ଷ ରୁ ୨୯ ବର୍ଷ ବୟସ୍କ ମଧ୍ୟରେ ଯୁବ ପ୍ରତିଭା ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ, ବିଜ୍ଞାପିତ ଅଂଚଳ ପରିଷଦ ଓ ପୌରପାଳିକାରେ ଅବସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ମହାବିଦ୍ୟାଳୟ ତଥା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହ ମୁଖ୍ୟତଃ ଯୋଗ ଦେଇଥିଲେ।ବିଭିନ୍ନ ଟିମ ଗଠନ ପୂର୍ବକ ଲୋକନୃତ୍ୟ ରେ ୧୩୦, ନୁକଡ ନାଟକ ରେ ୧୦୯, ଚିତ୍ରାଙ୍କନରେ ୩୬ ଜଣ ଏବଂ କବିତା ଲିଖନ ପ୍ରତିଯୋଗିତାରେ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା କାଲି ୧୩.୧୧.୨୦୨୬ ତାରିଖ ରେ ଟାଉନ ହଲରେ ଅନୁଷ୍ଠିତ ଲୋକ ଗୀତ ରେ ୧୧୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ଅବସରରେ ଅନ୍ୟ ମଞ୍ଚାସୀନ ଅତିଥି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା , ମାଇ ଭାରତ ଯୁବ ସଂଯୋଜକ ବଂଶ ଶର୍ମା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା ଯୋଗଦେଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଉମେଶ ଚନ୍ଦ୍ର ଶତପଥୀ ସଂଚାଳନ କରିଥିଲେ।

ଏହି ଯୁବୋତ୍ସବ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ସୃଜନଶୀଳତା, ଦେଶପ୍ରେମ ଓ ସାମାଜିକ ଦାୟିତ୍ୱବୋଧକୁ ଅଧିକ ସୁଦୃଢ଼ କରିବା ସହ ବିକଶିତ ଭାରତ ଗଠନର ସଂକଳ୍ପକୁ ଆଗେଇ ନେବାରେ ପ୍ରେରଣା ଯୋଗାଇଥିଲା।

ଏନଏସଏପି ଭତ୍ତା ପ୍ରଦାନ ବ୍ୟବସ୍ଥାରେ ନୂଆ ନିୟମ, ଡିବିଟିରେ ଯିବ କେନ୍ଦ୍ରୀୟ ଅଂଶ

ଡିସେମ୍ବରରୁ ପ୍ରତି ମାସ ୧୫ ତାରିଖରେ ମିଳିବ ଭତ୍ତା



ଜୟପୁର ,୧୩।୧୧ (ଆନିସ):ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ ବ୍ୟବସ୍ଥାରେ ନୂଆ ନିୟମ ଲାଗୁ କରିଛନ୍ତି ରାଜ୍ୟ ସରକାର। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ଅଧୀନରେ ଏଣିକି ଭତ୍ତାର କେନ୍ଦ୍ରୀୟ ଅଂଶ ସିଧାସଳଖ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ। ତେବେ ରାଜ୍ୟ ସରକାରଙ୍କ ଅଂଶ ପୂର୍ବପରି ଗ୍ରାମ ପଞ୍ଚାୟତ ସ୍ତରରେ ନଗଦ ଆକାରରେ ପ୍ରଦାନ କରାଯିବ।ନୂତନ ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ରୀୟ ଅଂଶ ଏସଏନଏ-ଏସପିଏଆରଏସଏଚ ଡିବିଟି ମାଧ୍ୟମରେ ଏବଂ ରାଜ୍ୟ ଅଂଶ ନଗଦ ଆକାରରେ ମିଳିବ। ଏହାଦ୍ୱାରା ଭତ୍ତା ବଣ୍ଟନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ସହ ହିତାଧିକାରୀମାନେ ଉପକୃତ ହେବେ।ଆସନ୍ତା ନଭେମ୍ବର ୨୫ ତାରିଖରେ ଅକ୍ଟୋବର ମାସର ବକେୟା ଭତ୍ତା ସହ ନଭେମ୍ବର ମାସର ରାଜ୍ୟ ଅଂଶ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଡିସେମ୍ବର ମାସଠାରୁ ପ୍ରତି ମାସ ୧୫ ତାରିଖରେ ଜନସେବା ଦିବସ ଅବସରରେ ନିୟମିତ ଭାବେ ଭତ୍ତା ବଣ୍ଟନ କରାଯିବ।

ଡିବିଟି ମାଧ୍ୟମରେ ଭତ୍ତା ପାଇବା ପାଇଁ ହିତାଧିକାରୀମାନେ ନିଜ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ କରିବା ସହ ଆବଶ୍ୟକ ତଥ୍ୟ ଅଦ୍ୟତନ ରଖିବାକୁ ପରାମର୍ଶ ଦିଆଯାଇଛି।

ଏହି ଅବସରରେ କୋରାପୁଟ ପୌରପାଳିକା ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଏସ୍?ଡିସି ଅଧ୍ୟକ୍ଷ ଭଗବାନ ମୁଦୁଲି, କୋରାପୁଟ ଉପଜିଲ୍ଲାପାଳ ଫାନି ରସିଦ୍, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ।

କୋରାପୁଟ ଜିଲ୍ଲା ନିର୍ମାଣ ଶ୍ରମିକ ମିଳିତ ସଂଘ ଗଠିତ



ଜୟପୁର ,୧୩।୧୧ (ଆନିସ): ନିର୍ମାଣ ଶ୍ରମିକଙ୍କ ସମସ୍ୟା ଓ ଅଧିକାର ପାଇଁ କୋରାପୁଟ ଜିଲ୍ଲା ନିର୍ମାଣ ଶ୍ରମିକ ମିଳିତ ସଂଘ ଗଠନ କରାଯାଇଛି। ନଭେମ୍ବର ୧୨ ତାରିଖରେ ଜୟପୁର ଟାଉନ୍ ହଲ୍‌ଠାରେ ଜିଲ୍ଲାର ୧୪ଟି ବ୍ଲକ୍‌ରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ବରିଷ୍ଠ ଶ୍ରମିକ ନେତା ସୂର୍ଯ୍ୟନାରାୟଣ ବିଷୋୟୀ, ଉପେନ୍ଦ୍ର ମହାରଣା ଓ ଜିଶୁଡ଼ାନ ଗରଡ଼ାଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ବୈଠକର ଅଧ୍ୟକ୍ଷତା କରିଥିଲେ।ଏହି ବୈଠକରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଦୀର୍ଘ ଦୁଇ ବର୍ଷ ଧରି ନୂତନ ଶ୍ରମିକଙ୍କ ପଞ୍ଜୀକରଣ ପ୍ରମାଣପତ୍ର ଅନୁମୋଦନ ନହେବା, ବାର୍ଷିକ ଦେୟ ଅନୁମୋଦନରେ ବିଳମ୍ବ, ଶ୍ରମିକଙ୍କ ଦୁଇ ସନ୍ତାନଙ୍କ ଶିକ୍ଷା ସହାୟତା, କନ୍ୟା ବିବାହ ସହାୟତା ଏବଂ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନରେ ଅବହେଳା ଓ ବିଳମ୍ବ ନେଇ କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ।ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଦାବିରେ ରାଜ୍ୟ ଶ୍ରମ ଆୟୁକ୍ତ, ଜୟପୁରସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତ ଓ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଅଣ୍ଟାଦଳାରେ ନୂତନ ବ୍ଲକ୍ ଗଠନ ଦାବି

୧୦ଟି ପଞ୍ଚାୟତକୁ ନେଇ ପଞ୍ଚାୟତ ସମିତି ଗଠନ ପାଇଁ ପ୍ରସ୍ତୁତି ବୈଠକ

ମୁନିଗୁଡା,୧୩।୧୧ (ଆନିସ) ରାୟଗଡ଼ା ଜିଲ୍ଲା ଅଣ୍ଟାଦଳାଠାରେ ନୂତନ ପଞ୍ଚାୟତ ସମିତି ଗଠନ ଦାବି ଜୋର ଧରିଛି। ଅଞ୍ଚଳର ୧୦ଟି ଗ୍ରାମ ପଞ୍ଚାୟତକୁ ନେଇ ଅଣ୍ଟାଦଳାଠାରେ ଏକ ନୂତନ ବ୍ଲକ୍ ଗଠନ କରିବା ପାଇଁ ଅଣ୍ଟାଦଳା ପଞ୍ଚାୟତ ସମିତି ଗଠନ ନିର୍ମାଣ ସମିତି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ସମିତି ପକ୍ଷରୁ କୁହାଯାଇଛି ଯେ, ଅଣ୍ଟାଦଳା ଏକ ପ୍ରମୁଖ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାକାର ଲୋକଙ୍କୁ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଓ ସରକାରୀ ସୁବିଧା ପାଇଁ ମୁନିଗୁଡ଼ା ଯିବାକୁ ପଡ଼ୁଛି। ଫଳରେ ଦୂରତା ଓ ଯାତାୟାତ ସମସ୍ୟା ଯୋଗୁଁ ସାଧାରଣ ଲୋକଙ୍କ ସମୟ ଓ ଅର୍ଥ ଅପଚୟ ହେଉଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରଶାସନିକ କାର୍ଯ୍ୟରେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ସମସ୍ୟାର ସମାଧାନ ତଥା ଅଞ୍ଚଳର ସାମଗ୍ରିକ ବିକାଶ ଲକ୍ଷ୍ୟରେ ୧୦ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ଓ ଲୋକପ୍ରତିନିଧିଙ୍କୁ ନେଇ ହୋଇଥିବା ମିଳିତ ବୈଠକରେ ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ସର୍ବସମ୍ମତିକ୍ରମେ ଦାବି ଉଠିଛି।ପ୍ରସ୍ତାବିତ ନୂତନ ବ୍ଲକ୍‌ରେ ଅଣ୍ଟାଦଳା, ଅମ୍ଲାଭଙ୍ଗା, ଶିବପଦର, ସରଧାପୁର, ଘମଣ୍ଡଗୁଡ଼ା, ଜଗଦଳପୁର, ପାଇକ ରାଣୀପିଣ୍ଡା, ରଘୁବାରୀ, ଇଚ୍ଛାପୁର ଓ ଡିମିରିଗୁଡ଼ା ଗ୍ରାମ ପଞ୍ଚାୟତକୁ ସାମିଲ କରିବାକୁ ଦାବି ହୋଇଛି। ଏଥିପାଇଁ ଆବଶ୍ୟକ ସର୍ଭେ ଓ ଜନମତ ସଂଗ୍ରହ କରିବା ସହ ଦାବି ଉପରେ ସରକାରଙ୍କ ପକ୍ଷରୁ ସମୟସୀମା ଧାର୍ଯ୍ୟ କରି ଲିଖିତ ପ୍ରତିଶ୍ରୁତି ଦେବାକୁ ମଧ୍ୟ ସମିତି ନିବେଦନ କରିଛି। ଏନେଇ ଖୁବ୍‌ଶୀଘ୍ର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦାବି ପ୍ରତି ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ ଭଳି ପଦକ୍ଷେପ ନିଆଯିବ ବୋଲି ସମିତି ଚେତାବନୀ ଦେଇଛି।ସମିତିର ସଂଯୋଜକ ସିମାଞ୍ଚଳ ରଣା, ସହ-ସଂଯୋଜକ ବିଦ୍ୟାଧର ସାହୁ ଓ ନିଧି ବ୍ୟବସ୍ଥାପକ ସନ୍ତୋଷ ପତ୍ରାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଅଣ୍ଟାଦଳା ଅଞ୍ଚଳବାସୀଙ୍କୁ ହାତପାହାନ୍ତାରେ ପ୍ରଶାସନିକ ସୁବିଧା ଯୋଗାଇଦେବା ସହ ଅଞ୍ଚଳର ଉନ୍ନତି ପାଇଁ ଏହି ଦାବି ଉଠାଯାଇଥିବା ସମିତି ପକ୍ଷରୁ କୁହାଯାଇଛି।

ଡିସେମ୍ବର ୪ରେ ଜୟପୁର ବ୍ଲକସ୍ତରୀୟ ପରବ-୨୦୨୬



ଜୟପୁର,୧୩।୧୧ (ଆନିସ): ପରବ-୨୦୨୬ ପାଳନ ଉପଲକ୍ଷେ ଜୟପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ତିଳତମା ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରବର ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ।


ଏହି ବୈଠକରେ ବିଡିଓ ଶକ୍ତି ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଆସ୍ତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଓ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢ଼ୀଙ୍କ ସମେତ ବ୍ଲକର ସମସ୍ତ ପିଇଓ, ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ୱାର୍ଡ ସଭ୍ୟମାନେ ଯୋଗଦେଇଥିଲେ।ଆସନ୍ତା ଡିସେମ୍ବର ୪ ତାରିଖରେ ବ୍ଲକସ୍ତରୀୟ ପରବ ଆୟୋଜିତ ହେବ। ମା ଜଗତଜନନୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିରାଟ ରାଲି ଓ ପଟୁଆର ବାହାରି କୋରାପୁଟ ଜିଲ୍ଲାର ପାରମ୍ପରିକ ଗୀତ ଓ ନୃତ୍ୟର ତାଳେତାଳେ ଦଶହରା ପଡ଼ିଆରେ ପହଞ୍ଚିବ। ସେଠାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଛି।

କଳିଙ୍ଗା ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଉଦଘାଟିତ



ଘୁ ଉଦୟଗିରି,୧୩।୧୧ (ଆନିସ): ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନଫରେନ୍ସିଂ ମାଧ୍ୟମରେ କନ୍ଧମାଳ କଳିଙ୍ଗା, ର ସମସ୍ତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେ କଳିଙ୍ଗ ପଥ ପ୍ରାନ୍ତ ସେବା କେନ୍ଦ୍ର ରେ ସୁଭଦ୍ରା ଶକ୍ତି କାଫେ ଚଳାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ବ୍ୟକ୍ତିଗତ ଭାବରେ ଆଲୋଚନା କରିଥିଲେ ଏବଂ ପଥପ୍ରାନ୍ତ ସେବା କେନ୍ଦ୍ର ରେ ବ୍ୟବସାୟ ମଡେଲ୍ ଏବଂ ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଶ୍ରୀନିବାସ ଷଡ଼ଙ୍ଗୀ , ପର୍ଯ୍ୟଟନ ଉନ୍ନୟନ ଅଧିକାରୀ କନ୍ଧମାଳ ଦ୍ୱାରା ଆୟୋଜିତ ଏବଂ ତତ୍ତ୍ୱାବଧାନ କରାଯାଇଥିଲା। ଉପସ୍ଥିତ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ଥିଲେ ସରପଞ୍ଚ କଳିଙ୍ଗା, ଏବଂ ପ୍ରମୁଖ ଉପସ୍ଥିତ ରହିଥିଲେ।

କୁନ୍ଦୁରା ବିପିଏମଙ୍କ ବିରୋଧରେ ବିଧାୟକଙ୍କୁ ଅଭିଯୋଗ କଲେ ଜୀବିକା ମିଶନ ମହିଳାସଙ୍ଘ



କୁନ୍ଦୁରା,୧୩।୧୧ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଠାରେ କାର୍ଯ୍ୟରତ ବିପିଏମ ମାଣିକ ପଟ୍ଟନାୟକଙ୍କ ବିରୋଧରେ ବିଧାୟକଙ୍କ ନିକଟରେ ଅଭିଯୋଗ କଲେ ଜୀବିକା ମିଶନ ମହିଳା। ଓଡିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ୧୨୨ ଜଣ ସିଆରପି,୦୨ ବ୍ୟାଙ୍କ ମିତ୍ର,୧୫ ଜଣ ଏମବିକେ ଡ଼ଙ୍ଗର ପାଉଁସି ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଉପସ୍ଥିତ ରହି ବିଧାୟକ ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି ଆର୍ଥିକ ଏବଂ ମାନସିକ ଯନ୍ତ୍ରଣା ଦେଇ ଆସୁଥିବା ବିପିଏମଙ୍କ ହୀନ କାର୍ଯ୍ୟ ଉପରେ ଅଭିଯୋଗପତ୍ର ଦେଇଛନ୍ତି। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସିଆରପି,ଏମବିକେ ଏବଂ ବ୍ୟାଙ୍କ ମିତ୍ର ମାନେ ମିଶି କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କ ସହ ଏକଘଣ୍ଟା ଧରି ଆଲୋଚନା କରିଛନ୍ତି। ହାତଗୁଞ୍ଜା ନମିଳିଲେ କୌଣସି କାର୍ଯ୍ୟ ବିପିଏମ କରୁନଥିବା ସହ ଦରମା ପାଇଲେ ମଧ୍ୟ କିଛି ନା କିଛି ଦେବାକୁ ପଡୁଥିବା କହିଛନ୍ତି।ଏହାକୁ ନେଇ ଗତ ମାସ ୨୨ ରେ ଶତାଧିକ ଜୀବିକା ମିଶନ ସିଆରପି ଏମବିକେ ମିଶି ୪ପୃଷ୍ଠା ବିଶିଷ୍ଟ ଅଭିଯୋଗପତ୍ର ବିଡ଼ିଓ କୁନ୍ଦୁରା ଙ୍କୁ ପ୍ରଦାନ କରିଛନ୍ତି। ଟ୍ରେନିଂ ବାବଦକୁ ମିଳିଥିବା ସମସ୍ତ ଟଙ୍କା ଆତ୍ମସାତ କରିଥିବ ପ୍ରମାଣ ସହ ପତ୍ର ମାଧ୍ୟମରେ ଦେଇଛନ୍ତି ମହିଳା। ଏହାକୁ ନେଇ ସେ ସମୟରେ ବିଡ଼ିଓ କହିଥିଲେ ଯେ ବଦଳି କାର୍ଯ୍ୟ ମୁଁ କରିପାରିବିନି ଜିଲ୍ଲପାଳ ଙ୍କ ନିକଟକୁ ଏହା ପଠାଇବି। କିନ୍ତୁ ପ୍ରାୟ ଏକ ମାସ ପରେ ମଧ୍ୟ କୁନ୍ଦୁରା ବିଡ଼ିଓ କିଛି ପଦକ୍ଷେପ ନିଆ ଯାଉ ନଥିବା ଯୋଗୁଁ ଆଜି ବିଧାୟକଙ୍କୁ ଭେଟି ସମସ୍ତ ପ୍ରକାରର ଅଭିଯୋଗ ଉପସ୍ଥାପନା କରିଛନ୍ତି ଉକ୍ତ ସଙ୍ଘ ଏହାକୁ ନେଇ ବିଧାୟକ ରୂପୁ ଭତ୍ରା ଡିପିଏମ ପ୍ରିୟମ୍ବଦା ବିଷୋୟୀ ଙ୍କ ସହ ଦୁର୍ନୀତି ଗ୍ରସ୍ତ ବିପିଏମ ଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଯଥା ଶୀଘ୍ର ଏହି କଥା ମହିଳା ଶିଶୁ ବିକାଶ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଅବଗତ କରିବା ନେଇ ବିଧାୟକ ଡିପିଏମ ଙ୍କୁ କହିଛନ୍ତି। ଉପସ୍ଥିତ ସିଆରପି,ଏମବିକେ ଏବଂ ବ୍ୟାଙ୍କ ମିତ୍ର କହିବା ପ୍ରକାରେ ଡିପିଏମ ଙ୍କ ଛତ୍ରଛାୟାରେ ରହି କାର୍ଯ୍ୟରତ ବିପିଏମ ମନମୁଖୀ କାର୍ଯ୍ୟ କରୁଥିବା ବିଧାୟକଙ୍କ ଅଭିଯୋଗ କରିଛନ୍ତି। ସି ଆର ପିଇ, ବ୍ୟାଙ୍କ ମିତ୍ର ଓ ଏମ ବି କେ ମାନେ ଦୀର୍ଘ ୧ ମାସ ହେଲା କୁନ୍ଦୁରା ବିଡ଼ିଓ ଙ୍କ ନିକଟରେ ସମ୍ପୃକ୍ତ ବି ପିଇ ଏମ ଙ୍କ ବିରୋଧ ରେ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା କୁ ଦୁଃଖ ପ୍ରକାଶ କରିଛନ୍ତି ।

କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ ମଞ୍ଚ ତରଫରୁ ଦାବିପତ୍ର



ଧର୍ମଗଡ , ୧୩।୧୧ (ଆନିସ):କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ ମଞ୍ଚ ତରଫରୁ ୬ଦଫା ଦାବୀ ନେଇ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାର ବଛୁଆ ବର୍ଗ ଜାତି ସମୂହ ଦୀର୍ଘ ଦିନ ଧରି ତାଙ୍କ ମୌଳିକ ହକ ଅଧିକାରକୁ ପୂରଣ କରିବାକୁ ଦାବୀ କରି ଆସୁଥିଲେ ସୁଧା ରାଜ୍ୟ ସରକାର ଦାବୀ ପୂରଣ କରିବାରେ ବୈମାତୃକ ମନୋଭାବ ଦେଖାଉ ଥିବାରୁ ପୁଣି ଆଜି ରାଜ୍ୟ ବ୍ୟାପି ୬ଦଫା ଦାବୀ ପତ୍ର ପ୍ରଦାନ କରାଯାଇଛି । ୬ଦଫା ଦାବୀ ଗୁଡିକ ମଧ୍ୟରେ ପ୍ରମୁଖ ଦାବୀ ଗୁଡିକ ହେଲା ଜାତି ଗଣନାରେ ପଛୁଆ ବର୍ଗ ଜାତି ପାଇଁ ସ୍

ଜିଲ୍ଲାସ୍ତରୀୟ ମହିଳାଙ୍କ ପାଇଁ ଘରୋଇ ହିଂସା ସୁରକ୍ଷା ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା, ୧୩।୧୧ (ଆନିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସନ୍ନିଳନୀ କକ୍ଷ୍ୟରେ ଜିଲ୍ଲା ସ୍ତରୀୟ ମହିଳାଙ୍କ ପାଇଁ ଘରୋଇ ହିଂସା ସୁରକ୍ଷା ଆଇନ – ୨୦୦୫ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସଂଯୁକ୍ତ ମହାରଣା ଅଧକ୍ଷ୍ୟତା କରିଥିଲେ। ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଲିସ ଅଧିକାରୀ, ଶକ୍ତି ସଦନ, ସଖି ସେଣ୍ଟର କର୍ମକର୍ତା, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ପରିବାର ପରାମର୍ଶ କେନ୍ଦ୍ର ର କର୍ମକର୍ତା କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ରିସୋର୍ସପର୍ସନ ଭାବେ ଯୋଗ ଦେଇଥିବା ଶ୍ରୀମତୀ ପାର୍ବତୀ ବାରିକ ଘରୋଇ ହିଂସା ର ମୁଖ୍ୟ ସମସ୍ୟା ଓ କାରଣ ଯେପରିକି ଯୌତୁକ ପ୍ରଥା, ଆର୍ଥିକ ଲୋଭ, ନିଶା ସେବନ ଓ ପାରିବାରିକ କଳହ, ଆର୍ଥିକ ଅସହାୟତା, ବିଷୟରେ



ଆଲୋଚନା କରିବା ସହିତ ଘରୋଇ ହିଂସା ସୁରକ୍ଷା ଅଇନି ୨୦୦୫ ସମ୍ବନ୍ଧ ରେ ବିସ୍ତୃତ ଭାବରେ ବୁଝାଇ କହିଥିଲେ।

ମେଡିକାଲ ଅଫିସର ଡ଼ଟ୍ଟର ଶ୍ରୀମତୀ ସୁକାନ୍ତି ଦାସ, ଏହି ଆଇନର ସମସ୍ତ ଦିଗ ଓ ସମସ୍ତ ଅଧିକାରୀଙ୍କର ଦାଇତ୍ୱ ବିଷୟର, ପିଡିଆ ମାନେ କିପରି ଅଭିଯୋଗ ଦାଖଲ କରିପାରିବେ, କମ୍ ବୟସର ଝିଅ ମାନେ ମାତୃତ୍ୱ ଲାଭ ହାର ଅଧିକ ହେଉଥିବାରୁ ସେମାନଙ୍କୁ କିପରି ନିରାକରଣ କରାଯାଇପାରିବ ଓ ପୀଡିତ ମାନଙ୍କୁ କିପରି ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ସେ ଉପରେ ପ୍ରଶିକ୍ଷାଥ୍ରୀ ବୁଝାଇ କହିଥିଲେ। ସମ୍ମାନିତ ଅଥିତି ଭାବେ ଯୋଗ ଦେଇଥିବା ମୁନିସିପାଲିଟି ର ଅଫିସର ଅମ୍ରିତା ନାଏକ ମହିଳା ମାନଙ୍କ ଉପରେ ହେଉଥିବା ଅନୀତି ଅତ୍ୟାଚାର କିପରି ଆଇନ ଅନୁଯାଇ ରୋକାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।ଜିଲ୍ଲା ସୁରକ୍ଷ୍ୟା ଅଧିକାରୀ ଶ୍ରୀମତୀ ସସ୍ମିତା ମହାନ୍ତି ମାଧ୍ୟମରେ ଘରେଇ ହିଂସା ହେଉଛି ପରିବାର ମଧ୍ୟରେ ସ୍ୱାମୀ ସ୍ତ୍ରୀ କିମ୍ବା ଅନ୍ୟ ପରିବାର ର ସଦସ୍ୟ ଦ୍ୱାରା କରାଯାଉଥିବା ଶାରୀରିକ, ଭାବନାତ୍ମକ, ଯୌନ କିମ୍ବା ଆର୍ଥିକ ନିର୍ଯାତନା, ମହିଳା ମାନଙ୍କୁ ସୁରକ୍ଷା ଦେବା ପାଇଁ କଠୋର ଆଇନି ରହିଛି। ଉକ୍ତ ଆଇନ କୁ କିପରି ଭାବରେ ଲୋକ ମାନଙ୍କ ପାଖରେ ପହଂଚି ପାରିବ ସେ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ର କର୍ମକର୍ତ୍ତା ୟୁନିସେଫର ଜିଲ୍ଲା ସଂଯୋଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜାତୀୟସ୍ତରରେ ଶ୍ରେଷ୍ଠ ୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାନ ପାଇଲା କେନ୍ଦୁଝରର ରାଙ୍କି

କେନ୍ଦୁଝର, ୧୩ / ୧୧(ଆନିସ): ଜନଜାତି ଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ପାଇଁ ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ଜାତୀୟସ୍ତରରେ ଶ୍ରେଷ୍ଠ ୫ଟି ଏକଲବ୍ୟ ଆଦର୍ଶ ଆବାସିକ



ବିଦ୍ୟାଳୟ ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାଙ୍କିସ୍ଥିତ ଇଏମଆରଏସ ସ୍ଥାନ ପାଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଏହି ଅବସରରେ ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମିତି ସଚିବ ଶ୍ରୀ ସୁରେନ୍ଦ୍ର କୁମାର ମୀନା, ରାଙ୍କି ଏକଲବ୍ୟ ବିଦ୍ୟାଳୟର ପ୍ରିନ୍ସିପାଲ ଶ୍ରୀ ରବିଶଙ୍କର ଚୌଧୁରୀ ମଧ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଆୟୋଜିତ ଜନଜାତିୟ ଗୌରବ ପକ୍ଷ– ୨୦୨୬ ଅନ୍ତର୍ଗତ ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଦେଶର ବିଭିନ୍ନ ଏକଲ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଜନଜାତି ଶିକ୍ଷାର ପ୍ରସାର ଦିଗରେ କେନ୍ଦୁଝର ଜିଲ୍ଲା ନିରନ୍ତର ଅଗ୍ରସର ହେଉଛି। ବର୍ତ୍ତମାନ ଜିଲ୍ଲାରେ ୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ ଜାରି ରହିଛି। ଏହା ସହିତ ଯୋଡ଼ା ଏବଂ ଝୁମ୍ପୁରା ବ୍ଲକରେ ଆଉ ଦୁଇଟି ଇଏମଆରଏସ ସ୍ଥାପନ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ଦୁଇଟି ବିଦ୍ୟାଳୟ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବା ସହ ଜିଲ୍ଲାରେ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୧୦ରେ ପହଞ୍ଚିବ। ଏହି ସଫଳତା ଜିଲ୍ଲାର ଶିକ୍ଷାଗତ ଉତ୍କର୍ଷତା ସହ ଜନଜାତି ସମ୍ପ୍ରଦାୟର ଶିଶୁ ଓ ଯୁବପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାର ପ୍ରତିଫଳନ।

ରାଷ୍ଟ୍ରପତିଙ୍କ ଦ୍ୱାରା ମୟୂରଭଞ୍ଜୀ ଜିଲ୍ଲାପାଳ ହେମକାନ୍ତ ସୟ୍ ସମ୍ବର୍ଦ୍ଧିତ

ବାରିପଦା, ୧୩।୪ (ଆନିସ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍ଆର୍ଏସ୍) ଜାତୀୟସ୍ତରରେ ଶ୍ରେଷ୍ଠ ପାଞ୍ଚଟି ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଛି । ଏହି ସଫଳତାର ସ୍ୱୀକୃତି ସ୍ୱରୂପ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ କମିଟିର ଅଧକ୍ଷ ହେମକାନ୍ତ ସୟ୍ଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ସମ୍ବର୍ଦ୍ଧିତ କରିଛନ୍ତି । ଜନଜାତି ଗୌରବ ପକ୍ଷ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।୨୦୨୫–୨୬ ଶିକ୍ଷାବର୍ଷର କାର୍ଯ୍ୟଦକ୍ଷତା ଆଧାରରେ ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ଶିକ୍ଷା ସମିତି (ନେଷ୍ଟସ୍) ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟଦକ୍ଷତା ସୂଚକାଙ୍କ ଅନୁଯାୟୀ କରଞ୍ଜିଆ ଇଏମ୍ଆର୍ଏସ୍କୁ ଦେଶର ପାଞ୍ଚଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ମଧ୍ୟରେ ଚୟନ କରାଯାଇଛି । ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ନେଷ୍ଟସ୍ ଦ୍ୱାରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଆବାସିକ ଶିକ୍ଷା ପ୍ରଦାନ କରାଯାଉଛି । ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଓ ପରିଚାଳନାଗତ ପ୍ରଦର୍ଶନର ମୂଲ୍ୟାୟନ ପାଇଁ ପ୍ରଣୀତ କାର୍ଯ୍ୟଦକ୍ଷତା



ସୂଚକାଙ୍କ ଆଧାରରେ ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକୁ ଚୟନ କରାଯାଉଛି । କରଞ୍ଜିଆ ବିଦ୍ୟାଳୟର ଏହି ସ୍ୱୀକୃତି ଜିଲ୍ଲାରେ ଜନଜାତି ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଆବାସିକ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ପ୍ରତିଫଳିତ କରୁଛି । ଏହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସମେତ ସମଗ୍ର ଜିଲ୍ଲାର ଶିକ୍ଷା ମହଲରେ ଆନନ୍ଦର ଲହରୀ ଖେଳିଯାଇଛି ।

ବିସ୍ଥାପନ ଧମକରେ ବିପ୍ଳବୀ ଧରଣୀଧରଙ୍କ ପରିବାର ବିଚଳିତ

ଭିଟାମାଟି ନଛାଡିବାକୁ ନିଷ୍ପତ୍ତି

ସରକାରଙ୍କ କୁସୁମିତାରେ ଉନ୍ନତିକରଣ ଯୋଜନା ଆଶା ଆଶଙ୍କାରେ

କେନ୍ଦୁଝର, ୧୩।୧୧ (ଆନିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ରେ ମୁଖ୍ୟମନ୍ତ୍ରୀ ଶ୍ରୀ



ମୋହନ ଚରଣ ମାଝୀଙ୍କ ଦ୍ୱାରା କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବିପ୍ଳବୀ ଧରଣୀଧରଙ୍କ ଜନ୍ମମାଟି କୁସୁମିତା ଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଜନ୍ମଜୟନ୍ତୀ ପାଳନ ବେଳେ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ୫୦ କୋଟି ଟଙ୍କା ବ୍ୟୟ କରିଯିବା କୁହାଯାଇଥିଲା। ଏଥିରେ ଧରଣୀଧରଙ୍କ ସ୍ମୃତି କୂଅ,ଘର ଆଦିର ଉନ୍ନତିକରଣ ହେବା ସହ ଗ୍ରାମର ଅନେକ ଉନ୍ନତି ହେବ ବୋଲି ଆଲୋଚନା ହୋଇଥିଲା। ଗ୍ରାମବାସୀ ତେଣୁ ଗାଁରେ ସବୁ ଚାଳ ଛପର ଖପର ଘର ଏକା ପରି ହେବ ବୋଲି ଆଶା କରିବସିଥିଲେ। ତେବେ ଏବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧରଣୀଧରଙ୍କ ଜନ୍ମିତ ଘରକୁ ଭାଙ୍ଗି ନୂଆ ବିଲଡିଂ କରିବାକୁ ଉଦ୍ୟମ ହେଉଥିବାରୁ ଅଭିଯୋଗ କରି ପରିବାରର ଅନେକ ଲୋକ ଏହାକୁ ବିରୋଧ କରିଛନ୍ତି। ସେମାନଙ୍କ ବାପ ଚଉଦପୁରୁଷର ଘର ଭାଙ୍ଗିଲେ ସେମାନେ ବିସ୍ଥାପିତ ହେବେ ପ୍ରଶାସନ ସେମାନଙ୍କୁ ଜଙ୍ଗଲରେ ଜମି ଦେବ କହିଛି ବୋଲି ସେମାନେ କହିଛନ୍ତି। ଜଙ୍ଗଲ ଅଂଚଳରେ ହାତୀ ସେଠାରେ କିଛି ଲୋକଙ୍କୁ ମାରିଥିବାରୁ ସେମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଛନ୍ତି। ନିଜ ପୂଜା ସ୍ଥଳ ସେମାନେ କାହାକୁ ଛାଡ଼ିବେନି ବୋଲି କେନ୍ଦୁଝର ଜିଲ୍ଲପାଳଙ୍କ ଅଫିସ ପରିସରରେ ଆଜି କହିଥିଲେ। ଧରଣୀଧରଙ୍କ କୂଅକୁ ସେମାନେ ଜୀବନକୁ ବାଜି ଲଗେଇ ନିଜ ଖର୍ଚ୍ଚରେ ଉଦ୍ଧାର କଲେ ପ୍ରଶାସନ ଶୁଣିଲାନି ଏବେ ତେଣୁ ସେହି କୂଅକୁ ଆହୁରି ଉନ୍ନତି ସରକାର କରୁ ଏବଂ ଘର ବାହାରେ ଥିବା ଜମିରେ କଞ୍ଚେକ୍ସ କୋଠା ବନେଇବାକୁ ପରିବାର ଲୋକେ ଦାବି କରିଛନ୍ତି। ପଟ୍ଟାଧାରୀ ଧରଣୀଧର ପରିବାର କଥା ସରକାର ଶୁଣୁବୋଲି ପରିବାର ମୁଖ୍ୟ ହୃଷିକେଶ ନାଏକ କହିଛନ୍ତି। ତାଙ୍କ ସହ ନବ କିଶୋର ନାଏକ, ବିନତି ନାଏକ, ଗୋଲାପ ନାଏକ ଆଦି ପରିବାର ଲୋକେ ପ୍ରଶାସନ ବାହାରେ ନିର୍ମାଣ କରୁ ଧରଣୀଧରଙ୍କ ପାରିବାରିକ ଘର ସବୁ ସୁରକ୍ଷିତ ରହୁବୋଲି ଦାବି କରିଛନ୍ତି। ତେବେ ଏବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ କିପରି ଏହି ଜନଜାତି ଲୋକଙ୍କୁ ବୁଝାଇ ସମସ୍ୟା ସମାଧାନ କରୁଛି।

ସରଙ୍ଗଡ଼ରେ ଇଏମ୍ଆର୍ ଏସପ୍ରତିଷ୍ଠା ଦାବୀ

ଫୁଲବାଣୀ, ୧୩।୧୧ (ଆନିସ): ସାରଙ୍ଗଗଡ଼ ପଂଚାୟତ ସଦର ମହକୁମା ରେ ପ୍ରସ୍ତାବିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କୁ ଜନବିରୋଧ ସତ୍ତ୍ୱେ ନୂଆରାଜଘରାକୁ ସ୍ଥାନାନ୍ତର କରାଯିବା ପ୍ରତିବାଦରେ ଆଜି ସାରଙ୍ଗଗଡ଼ ଠାରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାରଙ୍ଗଗଡ଼ ଅଞ୍ଚଳର ୫ଟି ପ୍ରମୁଖ ପଞ୍ଚାୟତର ଶତାଧିକ ପ୍ରତିନିଧି, ଗ୍ରାମବାସୀ ଏବଂ ଆଦିବାସୀ ସଂଗଠନର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ପ୍ରଶାସନର ଏକତରଫା ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିଛନ୍ତି।

ସୂଚନାଯୋଗ୍ୟ ଯେ, ସାରଙ୍ଗଗଡ଼ ମୁଖ୍ୟାଞ୍ଚଳରେ ଏହି ବିଦ୍ୟାଳୟ ପାଇଁ ୧୨ ଏକର ମୁକ୍ତ ସରକାରୀ ଜମି ଉପଲବ୍ଧ ଥିବା ବେଳେ ପ୍ରଶାସନ ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ନୂଆରାଜଘରା ଠାରେ ଶହ ଶହ ମୂଲ୍ୟବାନ ଗଛ କାଟି ବିଦ୍ୟାଳୟ ସ୍ଥାପନ ପାଇଁ ଜମି ସଫା କରିଛି। ଏହା ବିରୋଧରେ ଅଞ୍ଚଳବାସୀ ଅନ୍ୟପଟେ, ସ୍ଥାନୀୟ ଲୋକଙ୍କ



ତୀବ୍ର ଅସନ୍ତୋଷ ଓ ଆନ୍ଦୋଳନକୁ ଭୟ କରି ପ୍ରଶାସନ ଆସନ୍ତା ୧୫ ତାରିଖ ଦିନ ସେଠାକୁ ନଆସି ଚୁପ୍‌ଚାପ୍ ଅନଲାଇନ୍ (ଭର୍ଚୁଆଲ୍) ମାଧ୍ୟମରେ ଶିଳାନ୍ୟାସ କରିବାକୁ ପ୍ରସ୍ତୁତ ହେଉଥିବା ନେଇ ଏକ ସରକାରୀ ଗ୍ରିଭାନ୍ସ (ଅଭିଯୋଗ) ଉତ୍ତରରୁ ସ୍ପଷ୍ଟ ହୋଇଛି। ଏହାକୁ ନେଇ ଆଜି ଅଞ୍ଚଳବାସୀଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଛି। ଆଜିର ବୈଠକରେ ୫ଟି ପଞ୍ଚାୟତର ଜନସାଧାରଣ ପ୍ରଶାସନକୁ ଚେତାବନୀ ଦେଇ କହିଛନ୍ତି ଯଦି ଜୋରଜବରଦସ୍ତ ଅନଲାଇନ୍ ମାଧ୍ୟମରେ ଶିଳାନ୍ୟାସ କରାଯାଏ, ତେବେ ଆଗାମୀ ଦିନରେ ସାରଙ୍ଗଗଡ଼ ଅଞ୍ଚଳର ହଜାର ହଜାର ଜନସାଧାରଣ ରାଜପଥକୁ ଓହ୍ଲାଇବା ସହ ବଡ଼ ଧରଣର ଗଣତାନ୍ତ୍ରିକ ଆନ୍ଦୋଳନ କରିବେ। ସ୍ଥଳ୍ ସାରଙ୍ଗଗଡ଼ରେ ହିଁ ହେବ, ନଚେତ୍ ଆଗକୁ ପରିସ୍ଥିତି ଜଟିଳ ହେବ ବୋଲି କମିଟି ସଦସ୍ୟମାନେ ସ୍ପଷ୍ଟ କରିଛନ୍ତି।

ସିଂହପୁରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ଏକାଦଶ ସାରସ୍ୱତ ସମାରୋହ

ବିଜ୍ଞାରପୁର, ୧୩।୧୧ (ଆନିସ) : ସାହିତ୍ୟ ଓ ସଂସ୍କୃତି ଏକ ସମାଜର ପରିଚୟ ଓ ଐତିହ୍ୟର ବାହକ। ଏହାର ସମୃଦ୍ଧି ମାଧ୍ୟମରେ ସାମାଜିକ ଚେତନା, ମାନବୀୟ ମୂଲ୍ୟବୋଧ ଓ ଜୀବନଧାରାର ପ୍ରତିଫଳନ ଘଟିଥାଏ। ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ଏହାର ପ୍ରସାର ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏଭଳି ସାରସ୍ୱତ ଆୟୋଜନ ନୂତନ ପିଢ଼ିକୁ ନିଜ ଭାଷା, ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ।ବିଜ୍ଞାରପୁର ବ୍ଲକ୍ ସିଂହପୁରସ୍ଥିତ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ଏକାଦଶ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ସ୍ଥାନୀୟ ଶ୍ୟାମାକାଳୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ହରିହର କାନୁନଗୋ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତ୍ରିଦେବ ବେହେରା ଓ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ସରପଞ୍ଚ ନିରଞ୍ଜନ ବେଉରିଆ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ମହତ୍ତ୍ୱ ଉପରେ ମତ ରଖିଥିଲେ।ଏହି ଅବସରରେ ଉଦ୍‌ଘାଟକ ସୌମ୍ୟରଞ୍ଜନ ପଟ୍ଟନାୟକ ମାତୃଭାଷାର ଗୁରୁତ୍ୱ, ଜନ୍ମମାଟି ପ୍ରତି ଦାୟିତ୍ୱବୋଧ ଓ ଜୀବନରେ ସତ୍ୟନିଷ୍ଠାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ମାଆ, ମାତୃଭାଷା ଓ ଜନ୍ମମାଟିକୁ ଅବହେଳା ନକରିବା ସହ ଜୀବନରେ ଯେଉଁମାନଙ୍କଠାରୁ ସହାୟତା ମିଳିଛି, ସେମାନଙ୍କ ଅବଦାନକୁ ସ୍ମରଣ ରଖିବା ଉଚିତ ବୋଲି ସେ କହିଥିଲେ। ଜୀବନର ପରବର୍ତ୍ତୀ ପର୍ଯ୍ୟାୟକୁ ସମାଜସେବାରେ ନିୟୋଜିତ କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଥିଲେ।ଉତ୍ସବରେ ପରିଷଦର ମୁଖପତ୍ର ଶ୍ରୀମୁଖ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ସାହିତ୍ୟ, ଶିକ୍ଷା, ସମାଜସେବା, ପରିବେଶ ସୁରକ୍ଷା ଓ ଅଭିନୟ କ୍ଷେତ୍ରରେ ଅବଦାନ ପାଇଁ ପ୍ରଫେସର ଡ. ପାର୍ଥସାରଥି ଜେନା, କବିତଥା ଗୀତିକାର ପଦ୍ମଚରଣ ମଲ୍ଲିକ, ଶିକ୍ଷାବିତ୍ ଦାମୋଦର ସାମଲ, ସମାଜସେବୀ ତଥା ଶିକ୍ଷାବିତ୍ ନିରଞ୍ଜନ ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଳାସିନୀ ସାମଲ, ପ୍ରକୃତିବନ୍ଧୁ ଅଶୋକ କୁମାର ଖିଲାର, ଧାରାବାହିକ ଅଭିନେତ୍ରୀ ପୁଣ୍ୟତୋୟା ବେଉରିଆ, ବ୍ରହ୍ମାନନ୍ଦ ମହାନ୍ତି ଓ ଯୁଗପ୍ରଭା ସାବତଙ୍କୁ ପରିଷଦ ପକ୍ଷରୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ସେହିପରି ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଜ୍ଞାରପୁର ବ୍ଲକ୍‌ରୁ ଏ–୧ ଗ୍ରେଡ୍ ହାସଲ କରିଥିବା ୭ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉତ୍ସବରେ ସମ୍ମାନିତ କରାଯାଇଥିଲା।ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଅନିରୁଦ୍ଧ ବେଉରିଆ ବାର୍ଷିକ ବିବରଣୀ ଓ ସମ୍ପାଦକୀୟ ପାଠ କରିଥିଲେ। ପରିଚାଳନା ସମ୍ପାଦକ ଭରତଚନ୍ଦ୍ର ନାୟକ ମଞ୍ଚ ସଞ୍ଚାଳନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ସୁବାସଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ କୁମାର ନାୟକ, ପଦ୍ମାକର ଗୁରୁ, ଘନଶ୍ୟାମ ଦାସ, ପୁରୁଷୋତ୍ତମ ବେହେରା, ନିରଞ୍ଜନ ଦାସ, କଳାକର ପାତ୍ର, ମେଘନାଥ ମହାଳିକ, କୃଷ୍ଣଚନ୍ଦ୍ର ଥାଟୋଇ, ନାରାୟଣ ଚନ୍ଦ୍ର ଦାସ ଓ ରାମନାରାୟଣ ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ

ଖପ୍ରାଖୋଲ ୧୩।୧୧ (ଆନିସ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଭିତ୍ତିଭୂମି ବିକାଶକୁ ନେଇ ଓଡ଼ିଶାର ଉପମୁଖ୍ୟମନ୍ତ୍

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ମାଲକାନଗିରି, ୧୩।୧୧ (ଆନିସ): କୁଟୁମୁଲୁଗୁମ୍ପା ର ଭୈରବୀ ଷ୍ଟାଡିୟମରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ମେଳାରେ ମାନ୍ୟବର ବିଧାୟକ ମଙ୍କୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ତରୁଣ କୁମାର ମଲ୍ଲିକ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ ଓ କୁଟୁମୁଲୁଗୁମ୍ପା ତହସିଲଦାର କ୍ରିଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କୁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଚିନ୍ମୟ ପ୍ରସାଦ ସାହୁ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ସୁଜିତ୍ କୁମାର ଦାଶ ପରିଚାଳନା କରିଥିଲେ । ପ୍ରଥମେ ସମସ୍ତ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ମୁର୍ତ୍ତୀ ରେ ପୁଷ୍ପମାଲ୍ୟ ଅର୍ପଣ ସହ ଦ୍ୱିପ ପ୍ରଜ୍ୱଳନ କରିଥିଲେ ଓ ଏହାପରେ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରା ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଅଧିକାରୀ ଦ୍ୱୟ ନିଜ ନିଜ ଅଭିଭାଷଣରେ ବିଭାଗୀୟ ଯୋଜନା ସମ୍ପର୍କେ ରେ ଅବଗତ କରାଇଥିଲେ ଓ ଏହାପରେ ମୁଖ୍ୟ ଅତିଥି ଶ୍ରୀ ଖିଲ ନିଜ ଉଦବୋଧନରେ କରିଥିଲେ ଯେ, ସେ ହେଉଛନ୍ତି ଖୋଦ ଜଣେ ଚାଷୀ, ସେ ବିଧାୟକ ହେବାପରେ ମଧ୍ୟ ପ୍ରତିଦିନ ସକାଳେ ନିଜ ଜମିକୁ ଯାଆନ୍ତି ଓ ଜଣେ ଚାଷୀ ଭଳି ଚାଷକାର୍ଯ୍ୟ କରନ୍ତି ଏହା ସହିତ ସେ ମାଛ ଚାଷ ସହିତ ଗୋପାଳନ ଓ ଛେଳିଚାଷ କରିବାକୁ ମନ ବନାଇଛନ୍ତି ବୋଲି ସ୍ପଷ୍ଟ କରିବା ସହିତ ସମସ୍ତଙ୍କୁ ଗୋପାଳନ, ଛେଳି,କୁକୁଡା, ମେଣ୍ଢା,ବତକ, ଘୁଷୁରୀ ଓ ମତ୍ସ୍ୟଚାଷ ଭଳି ଅତିରିକ୍ତ ଉପାଦେୟ ଓ ଲାଭବାନ ଚାଷ କରିବା ପାଇଁ ପ୍ରେରଣା ଦେଇଥିଲେ । ଏହାପରେ ବିଭିନ୍ନ ସଫଳ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଚାଷୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଟନେଲକ୍ୟାମ୍ପ ର ମା ଭୁବନେଶ୍ୱରୀ ଏସ ଏଚ ଜି ଓ ଆର ଏସ ସି ୨ ର ଜୟ ଜଗନ୍ନାଥ ସ୍ୱୟଂ ସହାୟିକ ଗୋଷ୍ଠୀ ୧୨୦୦୦୦/- ପ୍ରକଳ୍ପ ରାଶି ପ୍ରଦାନ କରାଯାଇଥିଲା, ଅନ୍ୟ ସଫଳ ଚାଷୀ ଯଥା - ଗୌରୀ ମଜୁମଦାର, ସୋନାଲୀ ଗୁଡିଆ,ଉମୁଡି ବାଲରାଜୁ ରାଓ,ମାନସ ରଞ୍ଜନ ରଥ, ଦିନେଶ ଗୁଡିଆ, ଶାନ୍ତି ବାଛାର, ଗଙ୍ଗାଧର ପାଙ୍ଗି, ଗୋବର୍ଦ୍ଧନ ଖରା, ଅଜିତ୍ କୁମାର ଖିଲ ପ୍ରମୁଖ ପୁରସ୍କୃତ ହୋଇଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଜିର କାର୍ଯ୍ୟକ୍ରମ କୁ ଡଃ ବିଭୁ ନାୟକ, ଡ଼ଃ ବିପଦ ତାରଣ ବିଶ୍ୱାଳ, ଡ଼ଃ ସୁଦାମ ଚନ୍ଦ୍ର ସାହୁ, ଡ଼ଃ ଶିଖାରାଣୀ ସାହୁ, ଡ଼ଃ ବିକାଶ ଚନ୍ଦ୍ର ସରଦାର, ଡ଼ଃ ଅଭିନାଷ ମାଝୀ, ଡ଼ଃ ଆକାଶ କୁମାର ଦାସ, ଡ଼ଃ ଚକ୍ରଧର ଦାସ ଓ କୃତିବାସ ପଲେଇ ପ୍ରମୁଖ ସଫଳତାର ସହ ଆୟୋଜନ କରିଥିଲେ ।

ବନ୍ୟା ପରେ ନବରନ୍ପୁରରେ ପୁନଗୁଦ୍ଧାର କାର୍ଯ୍ୟକୁ ଜୋରଦାର

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିପଦସଙ୍କୁଳ ଘର ଭଙ୍ଗା ଆରମ୍ଭ, ଗ୍ରାମର ପୁନଃନିର୍ମାଣ ପାଇଁ ପ୍ରସ୍ତୁତି



ଆସିକା,୧୩।୧୧ (ଆନିସ): ବନ୍ୟା ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଆସିକା ବ୍ଲକ୍‌ର ନବରନ୍‌ପୁର ଗ୍ରାମରେ ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି ପ୍ରଶାସନ। ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବିପଦସଙ୍କୁଳ ଘର ଓ ସଂରଚନାଗୁଡ଼ିକୁ ଭାଙ୍ଗି ହଟାଇବା କାର୍ଯ୍ୟ ଜୋରସୋରରେ ଚାଲିଛି।

ଆସିକା ବିଡିଓ ରାଜେନ୍ଦ୍ର ନାୟକ ଓ ତାଙ୍କ ଟିମ୍‌ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଚାଲିଛି। ଗ୍ରାମବାସୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଭାରୀ ଯନ୍ତ୍ରପାତି ମାଧ୍ୟମରେ ବିପଦସଙ୍କୁଳ ସଂରଚନାଗୁଡ଼ିକୁ ଭଙ୍ଗାଯିବା ସହ ଭଙ୍ଗା ଅଂଶବିଶେଷ ଓ ଆବର୍ଜନା ଅପସାରଣ କରାଯାଉଛି। ଅନ୍ୟପକ୍ଷରେ, ଗ୍ରାମର ପୁନଃନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜନ ସହ ଆବଶ୍ୟକ ନିର୍ମାଣ ସାମଗ୍ରୀ ଯୋଗାଣ ଏବଂ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ଦିଗରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନରେ ଜିଲ୍ଲା ଏବଂ ସ୍ଥାନୀୟ ପ୍ରଶାସନର ମିଳିତ ଉଦ୍ୟମରେ ନବରନ୍‌ପୁରକୁ ପୁଣିଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିଛି। ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ ଜୀବନ ଓ ଜୀବିକାର ପୁନରୁଦ୍ଧାର ସହ ଗ୍ରାମର ପୁନଃନିର୍ମାଣ ଏବେ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ।

ପାକଝୋଲା ଟ୍ରାଇବାଲ୍ ହଟସ୍ପଟ୍ ପରିଦର୍ଶନ କଲେ କେନ୍ଦ୍ରୀୟ ଅଧିକାରୀ

ପାରମ୍ପରିକ ବୈଦ୍ୟ ଓ ଗ୍ରାମବାସୀଙ୍କ ସହ ଔଷଧୀୟ ଉଦ୍ଭିଦ ସଂରକ୍ଷଣ ନେଇ ଆଲୋଚନା



ଜୟପୁର,୧୩।୧୧ (ଆନିସ): ଜନଜାତିଙ୍କ ପାରମ୍ପରିକ ଜ୍ଞାନ ଓ ଔଷଧୀୟ ଉଦ୍ଭିଦ ସମ୍ପଦର ସଂରକ୍ଷଣ ଲକ୍ଷ୍ୟରେ ଶୁକ୍ରବାର ସେମିଳିଗୁଡ଼ା ବ୍ଲକର ପାକଝୋଲା ଟ୍ରାଇବାଲ୍ ହଟସ୍ପଟ୍ ପରିଦର୍ଶନ କରିଛନ୍ତି କେନ୍ଦ୍ରୀୟ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, - ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଦଳ। ଏହି ଅବସରରେ ପାରମ୍ପରିକ ବୈଦ୍ୟ ଓ ଗ୍ରାମବାସୀଙ୍କ ସହ ଔଷଧୀୟ ଉଦ୍ଭିଦ ଏବଂ ସ୍ୱଦେଶୀ ଚିକିତ୍ସା ଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।ପ୍ରତିନିଧି ଦଳରେ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମନୀଷ ଠାକୁର, ସିୟୁଓ କୁଳପତି ପ୍ରଫେସର ଡ. ଅଜିତ କୁମାର ଶାସନୀ, - ର ବୈଜ୍ଞାନିକ ଡ. ଶରଦ ଶ୍ରୀବାସ୍ତବ, ଡ. ସି.ଏସ୍. ମହାନ୍ତି, ଡ. ହର୍ଷିତା ଭଟ୍ଟନାଗର, ସ୍ନେହପ୍ରଭା ମାଝୀଙ୍କ ସମେତ ଅନ୍ୟ ଅଧିକାରୀ ଓ ଅଧ୍ୟାପକ ସାମିଲ ଥିଲେ।ପରିଦର୍ଶନ ସମୟରେ ଜନଜାତି ସମ୍ପ୍ରଦାୟ ପିଢ଼ି ପରେ ପିଢ଼ି ସଂରକ୍ଷଣ କରିଆସୁଥିବା ପାରମ୍ପରିକ ଔଷଧୀୟ ଜ୍ଞାନକୁ ଲିପିବଦ୍ଧ କରିବା ଏବଂ ବୈଜ୍ଞାନିକ ଗବେଷଣା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ସଚିବ ମନୀଷ ଠାକୁର ଜନଜାତିଙ୍କ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ଜ୍ଞାନକୁ ସଂରକ୍ଷଣ ଓ ବୈଜ୍ଞାନିକ ଭାବେ ପ୍ରମାଣିତ କରିବା ଆବଶ୍ୟକ ବୋଲି କହିଥିଲେ। କୁଳପତି ପ୍ରଫେସର ଶାସନୀ ଏହି ପ୍ରକଳ୍ପରେ ସିୟୁଓ ସେତୁ ଭାବେ କାର୍ଯ୍ୟ କରିବା ସହ ଜନଜାତି ସମ୍ପ୍ରଦାୟକୁ ସମସ୍ତ ସହଯୋଗ ଯୋଗାଇବ ବୋଲି ପ୍ରକାଶ କରିଥିଲେ।ଏହି ପ୍ରକଳ୍ପ ଅଧୀନରେ ୨୦୦ରୁ ୩୦୦ ପ୍ରଜାତିର ଔଷଧୀୟ ଉଦ୍ଭିଦର ତଥ୍ୟ ସଂଗ୍ରହ, ବିରଳ ଉଦ୍ଭିଦର ସଂରକ୍ଷଣ, ୧୬ଟି ଗୋଷ୍ଠୀ ନର୍ସରୀ ଓ ୧୬ଟି ବିହନ ବ୍ୟାଙ୍କ ପ୍ରତିଷ୍ଠା ଯୋଜନା ରହିଛି। ଏହାଦ୍ୱାରା ଜୈବବିବିଧତା ସଂରକ୍ଷଣ ସହ ଜନଜାତିଙ୍କ ପାଇଁ ନିରନ୍ତର ଜୀବିକା ସୁଯୋଗ ସୃଷ୍ଟି ହେବ।

ସୂଚନାଯୋଗ୍ୟ, ନଭେମ୍ବର ୧୨ରେ ସିୟୁଓ ପରିସରରେ ଏହି ଜାତୀୟ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଦେଶର ୧୩ଟି ରାଜ୍ୟର ୧୬ଟି ଟ୍ରାଇବାଲ୍ ହଟସ୍ପଟ୍‌କୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି।

ବନ୍ୟା ବିପନ୍ନଙ୍କୁ କଂଗ୍ରେସର ରିଲିଫ ବଣ୍ଟନ

ବନ୍ୟା ପରିଚାଳନାକୁ ନେଇ ସରକାରଙ୍କୁ ଘେରିଲେ ସତ୍ୟବ୍ରତ ଓ ଦେବକାନ୍ତ



ଆସିକ,୧୩।୧୧ (ଆନିସ): ଆସିକା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଲୁଗାପଟା ସହ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶନାରେ ଏହି ସହାୟତା କାର୍ଯ୍ୟକ୍ରମ ହୋଇଥିଲା।

ଏଥିରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ପ୍ରଦେଶ କଂଗ୍ରେସ ସମ୍ପାଦକ ଦେବକାନ୍ତ ଶର୍ମା, ବୁଲୁ ରାଉତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏହି ଅବସରରେ ସତ୍ୟବ୍ରତ ନାୟକ ବନ୍ୟା ପରିସ୍ଥିତିର ମୁକାବିଲା ଓ ବିପନ୍ନଙ୍କୁ ସହାୟତା ପ୍ରଦାନରେ ସରକାରୀ ଅବହେଳାକୁ ନିନ୍ଦା କରିବା ସହ ବନ୍ୟାକୁ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିବାକୁ ଦାବି କରିଥିଲେ।

ସେହିପରି ଦେବକାନ୍ତ ଶର୍ମା ଏହି ବନ୍ୟାକୁ ମନୁଷ୍ୟକୃତ ବୋଲି ଅଭିଯୋଗ କରିଥିଲେ। ଗଞ୍ଜାମ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ପାଇଁ ସରକାର ଦାୟୀ ବୋଲି ସେ ମତ ଦେଇଥିଲେ। ବନ୍ୟାର ଭୁଲ ପରିଚାଳନାରେ ସଂପୃକ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ଦଫା ଲଗାଇ ଜେଲ ପଠାଇବାକୁ ସେ ଦାବି କରିଥିଲେ। ଏହାଦ୍ୱାରା ଗଞ୍ଜାମବାସୀ ଉଚିତ ନ୍ୟାୟ ପାଇପାରିବେ ବୋଲି ସେ କହିଥିଲେ।

ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା, କ୍ଷୟକ୍ଷତିର ଉଚିତ ଆକଳନ ଓ ବନ୍ୟା ପରିଚାଳନାରେ ଅବହେଳା ପାଇଁ ଦାୟୀଙ୍କ ବିରୋଧରେ ତଦନ୍ତ କଂଗ୍ରେସର ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ରହିଥିଲା।

ଏମ୍‌ଆରପିଠାରୁ ଅଧିକ ଦରରେ ମଦ ବିକ୍ରି ଅଭିଯୋଗ

ମଦ ଦୋକାନରେ ଅଚାନକ ପହଞ୍ଚିଲେ ବିଧାୟକ, ଅବକାରୀ ଅଧୀକ୍ଷକଙ୍କୁ ଡକାଇ ଦେଲେ ନିର୍ଦ୍ଦେଶ



ମାଲକାନଗିରି,୧୩।୧୧ (ଆନିସ): ଜିଲ୍ଲାରେ ମଦ ଦୋକାନଗୁଡ଼ିକରେ ଧାର୍ଯ୍ୟ ଏମ୍‌ଆରପି (ସର୍ବାଧିକ ଖୁଚୁରା ମୂଲ୍ୟ) ଠାରୁ ଅଧିକ ଦରରେ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ନେଇ ଜିଲ୍ଲାରେ ଅସନ୍ତୋଷ ଓ ଚର୍ଚ୍ଚା ଜୋର୍ ଧରିଛି।

ଏଭଳି ସ୍ଥିତିରେ ଆଜି ମାଲକାନଗିରି ବିଧାୟକ କେନାଲ ପାର୍ଶ୍ୱରେ ଥିବା ଏକ ମଦ ଦୋକାନରେ ଅଚାନକ ପହଞ୍ଚି ଯାଞ୍ଚ କରିଥିଲେ। ସେଠାରେ ଉପସ୍ଥିତ ଗ୍ରାହକମାନେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି ହେଉଥିବା ନେଇ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ।

ଗ୍ରାହକଙ୍କ ଅଭିଯୋଗ ଶୁଣି ବିଧାୟକ ସମ୍ପୃକ୍ତ ଦୋକାନୀଙ୍କୁ ତାଗିଦ୍ କରିବା ସହ ଅବକାରୀ ଅଧୀକ୍ଷକଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ଏଥିସହ ଏଭଳି ଅନିୟମିତତାର ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାରେ ବାରମ୍ବାର ଏଭଳି ଅଭିଯୋଗ ଆସୁଥିବା ସତ୍ତ୍ୱେ ବିଭାଗ ପକ୍ଷରୁ କାହିଁକି ନିୟମିତ ଯାଞ୍ଚ କରାଯାଉନାହିଁ ଏବଂ ଅଧିକ ଦରରେ ମଦ ବିକ୍ରି ଉପରେ କାହିଁକି ରୋକ୍ ଲଗାଯାଇପାରୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଆଗକୁ ଅବକାରୀ ବିଭାଗ କି ପ୍ରକାରର ପଦକ୍ଷେପ ନେଉଛି ନା ପୂର୍ବ ଭଳି ରଫାଦଫା କରୁଛି ଦେଖିବାକୁ ବାକି ରହିଲା ।

ବନ୍ଧୁଗାଁର ସୁଣ୍ଡି ସମାଜକୁ ଓବିସି ପ୍ରମାଣପତ୍ର ପ୍ରଦାନ ଦାବି

ଜୟପୁର,୧୩।୧୧ (ଆନିସ): ବନ୍ଧୁଗାଁ ବ୍ଲକର ସୁଣ୍ଡି ସମ୍ପ୍ରଦାୟର ଲୋକଙ୍କୁ ଓବିସି ଜାତି ପ୍ରମାଣପତ୍ର ପ୍ରଦାନରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅସହଯୋଗ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମ୍ପ୍ରଦାୟର ଲୋକେ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ଅଭିଯୋଗ ଅନୁଯାୟୀ, ଜମିଜମା ରେକର୍ଡରେ ସୁଣ୍ଡି ଜାତି ଉଲ୍ଲେଖ ଥିବା ସତ୍ତ୍ୱେ ତହସିଲଦାର ଓବିସି ପ୍ରମାଣପତ୍ର ପ୍ରଦାନ କରୁନାହାନ୍ତି। ଗତ ୯ ନଭେମ୍ବରରେ ବନ୍ଧୁଗାଁ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଏହି ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ସେତେବେଳେ ସୁଣ୍ଡି ଜାତି ଉଲ୍ଲେଖ ଥିବା ଲୋକଙ୍କୁ ଓବିସି ପ୍ରମାଣପତ୍ର ଦେବାକୁ କୁହାଯାଇଥିଲେ ମଧ୍ୟ ଏଯାଏଁ ସମାଧାନ ହୋଇନଥିବା ଲୋକେ କହିଛନ୍ତି।ଅନ୍ୟପକ୍ଷରେ ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକର ବହୁ ଲୋକଙ୍କ ଜମି ପଟ୍ଟାରେ ଗୋଲାସୁଣ୍ଡି ଓ ଓଡ଼ିଆସୁଣ୍ଡି ଭଳି ନାମ ଉଲ୍ଲେଖ ରହିଥିବାରୁ ଏହାକୁ ସଂଶୋଧନ କରି କେବଳ ସୁଣ୍ଡି ଜାତି ଲେଖିବାକୁ ଦାବି ହୋଇଛି।

ଜିଲ୍ଲାପାଳ ସମସ୍ତ ତଥ୍ୟ ଓ ଅଭିଯୋଗ ଶୁଣିବା ପରେ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଜମି ପଟ୍ଟାରେ ଜାତି ନାମ ସଂଶୋଧନ ପାଇଁ ବୋର୍ଡ ଅଫ୍ ରେଭେନ୍ୟୁକୁ ଲେଖିବା ଏବଂ ଅଞ୍ଚଳବାସୀଙ୍କୁ ଓବିସି ସୁବିଧା ଯୋଗାଇଦେବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।ଏଥିସହ ଉପାନ୍ତ ଅଞ୍ଚଳ ହୋଇଥିବାରୁ ରାଜସ୍ୱ ବିଭାଗର ଅଧିକାରୀମାନେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁନଥିବା ଏବଂ ଲାଞ୍ଚ ନେଇ କାମ କରୁଥିବା ନେଇ ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ବନ୍ଧୁଗାଁ ଅଞ୍ଚଳର ସିପିଆଇ ନେତା ଧ୍ରୁବଚରଣ ସାହୁ ଦାବି କରିଛନ୍ତି।

ମା ମାଉଲି ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଖ ବିଭାଗର ପ୍ରଥମ ମ୍ୟାଚ



ନର୍ଲା,୧୩।୧୧(ଆନିସ)- ନର୍ଲା ଡଙ୍ଗର ତଳପଡାରେ ମା ମାଉଲି କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଖ ବିଭାଗର ପ୍ରଥମ ମ୍ୟାଚ ଶେଷ ହୋଇଛି। ଏଥିରେ ଟକର୍ଲା ବନାମ ବଗାଡ ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟସୀମାର ପ୍ରଥମ ପର୍ଯ୍ୟାୟର ୪ ମିନିଟ ମଧ୍ୟରେ ଟକର୍ଲା ଦଳ ବଗାଡ ଦଳକୁ ୧ ଗୋଲ ଦେଇ ଖେଳ ଶେଷରେ ବିଜୟୀ ହୋଇଥିଲା। ଖ ବିଭାଗର ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶିଳ୍ପପତି ବିମଳ କେଡିଆ, ଶିକ୍ଷକ ତଥା ସଙ୍ଗୀତ କଳାକାର ସର୍ବେଶ୍ୱର ଭୋଇ, କ୍ରୀଡାବିତ ପ୍ରଭୋ କୁମାର ଚାନ୍ଦ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।ଖେଳ ପରିଚାଳନାରେ ଶ୍ରବଣ ବାଗ, ଲାଇନରେ ଚୈଧୁରୀ ମାଝୀ,କୁଶ ଦେବ ଆଡୁଆଡ ସହଯୋଗ କରିଥିଲେ। ସେହିପରି ସୁରେଶ ନାଏକ ଓ ନାରାୟଣ ପଧାନ ମ୍ୟାଚ ରେଫରୀ ଭାବରେ କାର୍ଯ୍ୟ ତୁଲାଇ ଥିଲେ। ଆଜି ଖ ବିଭାଗର ଦ୍ୱିତୀୟ ମ୍ୟାଚରେ ନର୍ଲା ବନାମ ସୁଡିଙ୍ଗପଦର ମଧ୍ୟରେ ଖେଳ ହେବାର ସୂଚନା ରହିଛି।ସମସ୍ତ ଖେଳକୁ ମା ମାଉଲି କ୍ଲବ୍ ସଦସ୍ୟ ମାନେ ଶୃଙ୍ଖଳାର ସହ ପରିଚାଳନା କରୁଛନ୍ତି।

ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଭତ୍ତା ବଣ୍ଟନ, ଖୁସି ପ୍ରକାଶ କଲେ ହିତାଧିକାରୀ

କାଲିମେଳା, ୧୩।୧୧(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ପରିସରରେ ଶୁକ୍ରବାର ମଧୁବାବୁ ପେନସନ ଯୋଜନାରେ ନୂତନ କରି ସାମିଲ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୟସ୍କ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ି ଯୋଗ ଦେଇଥିବା ବେଳେ କାଲିମେଳା ବିଡିଓ ପ୍ରଦୀପ କୁମାର କର, ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମି, ବିଜେପି ଜିଲ୍ଲା ଉପ ସଭାପତି ଭବାନୀ ଶଙ୍କର ମୁଖାର୍ଜୀ, କାଲିମେଳା ବିଧାୟକ ପ୍ରତିନିଧି ହରବିଲାସ ମଣ୍ଡଳ, କାଲିମେଳା ମଣ୍ଡଳ ସଭାପତି ରାମଚନ୍ଦ୍ର ବେଟି, ମାଲାଭରମ୍ ମଣ୍ଡଳ ସଭାପତି ଜୟନ୍ତ ମଜୁମଦାର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଅତିଥିମାନେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେଉଥିବା କହି ଏହାକୁ ସଠିକ୍ ଭାବେ ପହଞ୍ଚାଇବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ । ବାଦ୍

ବିନୋଦପଡ଼ା ଏଚ୍‌ପି ଗ୍ୟାସ୍ କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

ଗ୍ୟାସ୍ ଥାଇ ମଧ୍ୟ ଗ୍ରାହକଙ୍କୁ ମିଳୁନି ସିଲିଣ୍ଡର!

ରଣପୁର ୧୩/୧୧(ଆନିସ) : ନୟାଗଡ଼ ଜିଲ୍ଲା ରଣପୁର ତହସିଲ ଅନ୍ତର୍ଗତ ରାଜସୁନାଖଳା ନିକଟସ୍ଥ ବିନୋଦପଡ଼ା ଠାରେ ଥିବା ଏଚ୍‌ପି ଗ୍ୟାସ୍ କେନ୍ଦ୍ରକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଗ୍ୟାସ୍ ମହଜୁଦ ଥିବା ସତ୍ତ୍ୱେ ଗ୍ରାହକଙ୍କୁ ଗ୍ୟାସ୍ ନାହିଁ ବୋଲି କହି ଫେରାଇ ଦିଆଯାଉଥିବା ବେଳେ ଅନ୍ୟପଟେ କିଛି ସ୍ଥାନୀୟ ବ୍ୟବସାୟୀଙ୍କୁ ଅଧିକ ଟଙ୍କାରେ ଗ୍ୟାସ୍ ବିକ୍ରି କରାଯାଉଥିବା ନେଇ ସ୍ଥାନୀୟ ଲୋକ ଗୁରୁତର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ,



ଗ୍ୟାସ୍ କେନ୍ଦ୍ରକୁ ବାରମ୍ବାର ଦୌଡ଼ିବା ପରେ ମଧ୍ୟ ପ୍ରକୃତ ହିତାଧିକାରୀଙ୍କୁ ଗ୍ୟାସ୍ ମିଳୁନାହିଁ। ଫଳରେ ଅନେକ ଗରିବ ଓ ସାଧାରଣ ଗ୍ରାହକ ବାଧ ହୋଇ ବଜାରରୁ ଅଧିକ ଦରରେ ଗ୍ୟାସ୍ କିଣୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ନେଇ ଜଣେ ଗ୍ରାହକଙ୍କ ଗ୍ୟାସ୍ ବୁକ୍ ଓ ବିଲ୍‌କୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ଗ୍ରାହକଙ୍କ କହିବା ଅନୁଯାୟୀ, ସେ ଗତ ଅକ୍ଟୋବର ୧୧ ତାରିଖରେ ବିନୋଦପଡ଼ା ଏଚ୍‌ପି ଗ୍ୟାସ୍ କେନ୍ଦ୍ରରୁ ଗ୍ୟାସ୍ ନେଇଥିଲେ। ତାଙ୍କ ଗ୍ୟାସ୍ ବୁକ୍‌ରେ ଉକ୍ତ ତାରିଖ ଲେଖାଯିବା ସହ କର୍ମଚାରୀଙ୍କ ଦସ୍ତଖତ ରହିଛି ଏବଂ ତାଙ୍କୁ ବିଲ୍ ମଧ୍ୟ ପ୍ରଦାନ କରାଯାଇଛି। ନିୟମ ଅନୁସାରେ ୨୫ ଦିନ ପରେ ପରବର୍ତ୍ତୀ ସିଲିଣ୍ଡର ପାଇବାର ବ୍ୟବସ୍ଥା ଥିବାରୁ ସେ ପୁଣି ଗ୍ୟାସ୍ ନେବାକୁ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ ସେ ଅକ୍ଟୋବର ୧୦ ତାରିଖରେ ଗ୍ୟାସ୍ ନେଇଥିବା ଦର୍ଶାଇ କର୍ମଚାରୀ ତାଙ୍କୁ ଗ୍ୟାସ୍ ଦେବାକୁ ମନା କରିଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ଗ୍ରାହକ ଜଣକ ନିଜର ଗ୍ୟାସ୍ ବୁକ୍ ଦେଖାଇବାରୁ ସେଥିରେ ଥିବା ତାରିଖକୁ କାଟିବା ପାଇଁ କର୍ମଚାରୀ ଉଦ୍ୟମ କରିବା ସହ ତଳେ ୨୯ ତାରିଖ ଲେଖିଥିବା ଅଭିଯୋଗ ହୋଇଛି। ଏହାକୁ ସେଠାରେ ଉପସ୍ଥିତ କିଛି ସ୍ଥାନୀୟ ଲୋକ ବିରୋଧ କରିବା ପରେ ପୁନର୍ବାର ଗ୍ୟାସ୍ ଦିଆଯିବ ନାହିଁ ବୋଲି କହି ଗ୍ରାହକଙ୍କୁ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି।

ରଣପୁର ଡିଗ୍ରୀ କଲେଜରେ ଜାତୀୟ ଆଇନ ସେବା ଦିବସ

ମାଗଣା ଆଇନ ସହାୟତା ପାଇବାକୁ ସଚେତନ କଲେ ଆଇନଜୀବୀ

ରଣପୁର, ୧୩/୧୧ (ଆନିସ): ଅର୍ଥ ଅଭାବ ଯୋଗୁଁ କେହି ଯେପରି ନ୍ୟାୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଗରିବ, ଅସହାୟ, ମହିଳା, ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କୁ ମାଗଣା ଆଇନ ସହାୟତା ଯୋଗାଇଦେବାର ବ୍ୟବସ୍ଥା ରହିଛି। ଏହି ବାର୍ତ୍ତା ନେଇ ନୟାଗଡ଼ ଜିଲ୍ଲା ରଣପୁର ଡିଗ୍ରୀ କଲେଜ ପରିସରରେ ତାଲୁକ ଆଇନ ସେବା କମିଟି, ରଣପୁର ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଶ୍ରୀଦୀପ ମିଶ୍ର ସଭାପତିତ୍ୱ କରିଥିବାବେଳେ ରଣପୁର ଜେଏମ୍‌ଏଫ୍‌ସି ପୁଣ୍ୟଶ୍ଲୋକ ଦାଶ ଯୋଗଦେଇଥିଲେ। ଏଥିରେ ରଣପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ଜେନା, ଶ୍ରୀକାନ୍ତ କୁମାର ସାହୁ, ଶତ୍ରୁଘ୍ନ ପାଇକରାୟ, କୃପାସିନ୍ଧୁ ବେହେରା, ସୁଦର୍ଶନ ମାନସିଂହ ଓ ପ୍ରିୟବ୍ରତ ପ୍ରହରାଜ ଉପସ୍ଥିତ ଥିଲେ।ଏହି ଅବସରରେ ଅତିଥିମାନେ ଜାତୀୟ ଆଇନ ସେବା ଦିବସର ମହତ୍ତ୍ୱ, ଆଇନ ସେବା ପ୍ରାଧିକରଣ ଅଧିନିୟମ-୧୯୮୭ ଏବଂ ଜାତୀୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ଆର୍ଥିକ ଅନଟନ ଯୋଗୁଁ ଯେଉଁମାନେ ଓକିଲ ନିଯୁକ୍ତ କରିବାକୁ ଅସମର୍ଥ, ସେମାନେ କିପରି ମାଗଣାରେ ଆଇନଜୀବୀଙ୍କ ସହାୟତା ପାଇପାରିବେ, ସେନେଇ ବିସ୍ତୃତ ଭାବେ ବୁଝାଇଥିଲେ। ନ୍ୟାୟ ପାଇବା ସମସ୍ତଙ୍କ ଅଧିକାର ଏବଂ ଅର୍ଥ ଅଭାବ ଏଥିରେ ବାଧକ ହେବା ଉଚିତ ନୁହେଁ ବୋଲି ଅତିଥିମାନେ ମତ ରଖିଥିଲେ।ରଣପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁଧାକର ପଣ୍ଡା ଓ ଏନ୍‌ସିସି ଅଧିନାୟକ ଭାଗ୍ୟଧର ସ୍ୱାଇଁଙ୍କ ସମେତ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ରଣପୁର ଅଦାଲତର କର୍ମଚାରୀ ଏବଂ ତାଲୁକ ଆଇନ ସେବା କମିଟିର ପାରାଲିଗାଲ୍ ଭଲ୍ୟୁଣ୍ଟିୟରମାନେ ଯୋଗଦେଇଥିଲେ। ଆଇନ ସମ୍ପର୍କିତ ସଚେତନତାକୁ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଞ୍ଚାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଥିଲା।

ଢେଙ୍କାନାଳରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ

ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୭,୬୦୯ ନୂତନ ହିତାଧିକାରୀ ସାମିଲ

୮୦ ବର୍ଷ ବୟସ ପୂରଣ କଲେ ସ୍ୱତଃପ୍ରବୃତ୍ତ ଭାବେ ମିଳିବ ମାସିକ ୩,୫୦୦ ଟଙ୍କା ପେନ୍‌ସନ୍

ଢେଙ୍କାନାଳ, ୧୩।୧୧ (ଆନିସ): ରାଜ୍ୟରେ ସାମାଜିକ ସୁରକ୍ଷା ପେନ୍‌ସନ୍ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାଚୁରେସନ୍ ମୋଡ୍‌ରେ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ମଞ୍ଜୁରୀ ନିମନ୍ତେ ଆଜି ଅପରାହ୍ନ ୩ଟାରେ ଢେଙ୍କାନାଳସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଏହି ସମାରୋହରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ପେନ୍‌ସନ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ବିନା ବିଳମ୍ବରେ ସରକାରୀ ସହାୟତା ପହଞ୍ଚାଇବା ଦିଗରେ ଏହା ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ବିକଶିତ ଓଡ଼ିଶା ୨୦୩୬ ଗଠନ ଦିଗରେ ଏହା ଏକ ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ବୋଲି ସେ ମତବ୍ୟକ୍ତ କରିଥିଲେ।ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ ନିଜ ଅଭିଭାଷଣରେ କହିଥିଲେ ଯେ, ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସାମାଜିକ ସୁରକ୍ଷା ପେନ୍‌ସନ୍ ସେବାକୁ ସରଳୀକରଣ, ସୁବ୍ୟବସ୍ଥିତ ଓ ଡିଜିଟାଇଜ୍ କରିବା। ବିଭିନ୍ନ ପେନ୍‌ସନ୍ ଯୋଜନାକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରାଇବା ଫଳରେ ବରିଷ୍ଠ ନାଗରିକ, ବିଧବା ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଭଳି ଯୋଗ୍ୟ ହିତାଧିକାରୀମାନେ ସ୍ୱଚ୍ଛ, ସମୟୋଚିତ ଓ ଝାମେଲାମୁକ୍ତ ଭାବେ ଆର୍ଥିକ ସହାୟତା ପାଇପାରିବେ।ଏହି ନୂତନ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏଣିକି ୮୦ ବର୍ଷ ବୟସ ପୂରଣ କରୁଥିବା ପେନ୍‌ସନ୍ ହିତାଧିକାରୀମାନେ ବିନା ନୂତନ ଆବେଦନରେ ସ୍ୱତଃପ୍ରବୃତ୍ତ ଭାବେ ମାସିକ ୩,୫୦୦ ଟଙ୍କା ପେନ୍‌ସନ୍ ପାଇବାକୁ ଯୋଗ୍ୟ ହେବେ। ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହି ଯୋଜନାରେ ଯୋଗ୍ୟ ବ୍ୟକ୍ତିମାନେ ପୋର୍ଟାଲ୍‌ରେ ଅନଲାଇନ୍ ଆବେଦନ କରିପାରିବେ।

ନିକଟସ୍ଥ କମନ୍ ସର୍ଭିସ୍ ସେଣ୍ଟର କିମ୍ବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଆବେଦନ ସମ୍ପର୍କିତ ସହାୟତା ଉପଲବ୍ଧ ହେବ। ଆବେଦନ ଦାଖଲର ପରବର୍ତ୍ତୀ ମାସରୁ ନିୟମିତ ପେନ୍‌ସନ୍ ପ୍ରଦାନ ଆରମ୍ଭ ହେବ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନରେଶ ସ୍ୱାଇଁ ଢେଙ୍କାନାଳ ଜିଲ୍ଲାର ବ୍ଲକ୍ ଓ ପୌରାଞ୍ଚଳଭିତ୍ତିକ ନୂତନ ହିତାଧିକାରୀଙ୍କ ତଥ୍ୟ ଉପସ୍ଥାପନ କରିଥିଲେ। ଢେଙ୍କାନାଳ ଜିଲ୍ଲାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ମୋଟ ୧୭,୬୦୯ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପୋର୍ଟାଲ୍‌ରେ ଆବେଦନ କରି ଏହି ସୁବିଧାର ଲାଭ ନେବାକୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ଶ୍ରୀମତୀ ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶ୍ରୀ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଜିଙ୍କ୍ୟ ବାବୁରାଓ ମାନେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦୀପ୍ତି ରଞ୍ଜନ ସେଠୀ, ଢେଙ୍କାନାଳ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଢେଙ୍କାନାଳ ସଦର ବ୍ଲକ୍ ଅଧ୍ୟକ୍ଷ ଶ୍ରୀ କାଳନ୍ଦୀ ବାରିକ ଏବଂ ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ରିଣାରାଣୀ ଖଟୁଆଙ୍କ ସମେତ ବିଭିନ୍ନ ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

ଶେଷରେ ଅତିଥିମାନେ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ଉଦ୍ଦିଷ୍ଟ ତିନୋଟି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଜିଲ୍ଲାର ତିନୋଟି ଉପଖଣ୍ଡ ଅଭିମୁଖେ ଶୁଭାରମ୍ଭ କରିଥିଲେ। ଏହି ରଥ ମାଧ୍ୟମରେ ପୋର୍ଟାଲ୍, ଆବେଦନ ପ୍ରକ୍ରିୟା ଓ ପେନ୍‌ସନ୍ ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ।

ବିନିକା ଗଡ଼ଭିତର ମାଁ କାଳୀଙ୍କ ଭସାଣି

ବିନିକା, ୧୩/୧୧ (ଆନିସ) ବିନିକା ସହରର ଗଡ଼ଭିତର ସ୍ଥିତ ଚାରିବାଟିଆ ଠାରେ ଆଲୋକର ପର୍ବ ଦୀପାବଳୀ ଦିନରୁ ଚାଲିଥିବା କାଳୀ ପୂଜାର ଆଜି ଗୁରୁବାର ଭଶାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି



ଆଜି ଅପରାହ୍ନ ସମୟରେ କାଳୀ ପୂଜା କମିଟି ଓ ଗଡ଼ଭିତର ପଡ଼ାବାସୀ ପୂଜାମଣ୍ଡପ ଶମ୍ଭୁଖରେ ଏକତ୍ରିତ ହୋଇ ଘଣ୍ଟପାଟି, ଦୁଲୁଦୁଲି, ଡିଜେ ଆଦି ବାଦ୍ୟ ନେଇ ଏକ ଭବ୍ୟ ତଥା ବିରାଟ ଶୋଭାଯାତ୍ରା ଗଡ଼ଭିତରରୁ ବାହାରି ମୁଖ୍ୟ ରାସ୍ତାରେ ତହସିଲ ଛକ, ପୁରୁଣା ବସଷ୍ଟାଣ୍ଡ,କଂସାରୀପଡା ବେରିହାପଡା, ଚଣ୍ଡୀପଡ଼ା, ଜୁନ୍ଞପଡା ଦେଇ ରଥପଡାରେ ପହଞ୍ଚି ଥିଲା ରଥପଡା ସ୍ଥିତ ଚିରସ୍ରୋତା ମହାନଦୀ ଘାଟରେ ମାଁ ଙ୍କ ବିସର୍ଜନ କରାଯାଇଛି କମିଟି ସଭାପତି ଭୁବନେଶ୍ୱର ପାତ୍ର, ସମ୍ପାଦକ ସଚ୍ଚିତାନନ୍ଦ ନେଗୀ, କୋଷାଧକ୍ଷ ସୁରଜ କଟୁଆଲ ତଥା କାଳୀପୂଜା କମିଟିର ସମସ୍ତ ସଦସ୍ୟ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ବିନିକା ପୋଲିସ ପକ୍ଷରୁ ମଧ୍ୟ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଅନେକ ପୋଲିସ କର୍ମଚାରୀ ନିୟୋଜିତ କରାଯାଇଥିଲା

ଓଜନ ଠକେଇ ଅଭିଯୋଗ

ଖଜା ଦୋକାନରେ ଚଢ଼ାଉ



ପୁରୀ, ୧୩।୧୧ (ଆନିସ): ପୁରୀ ବସ ଷ୍ଟାଣ୍ଡ ପାଖ ହରିହର ଛକ ନିକଟରେ ଗୁରୁବାର ଖଜା ଦୋକାନରେ ପୁରୀ ଜିଲ୍ଲା ଓଜନ ଓ ମାପ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢାଉ ରେ ବିଭାଗର ପୁରୀ ଜିଲ୍ଲା ର ଉପ ନିୟନ୍ତ୍ରକ ମୋନାଲିସା ରାୟ, ସହକାରୀ ନିୟନ୍ତ୍ରକ ଅକ୍ଷୟ କୁମାର ଭୋଇଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ। ଗତ ସପ୍ତାହରେ ରେ ପୁରୀ ଶ୍ରୀମନ୍ଦିର ଉତ୍ତର ଦ୍ୱାର ସମ୍ମୁଖ ରେ ଥିବା ଖଜା ଦୋକାନ ଗୁଡିକରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ଓଜନ ମେସିନ୍ ର ସଠିକତା ଏବଂ ଓଜନ ସମେତ ମେସିନ ନବୀକରଣ ର ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା।ଓଜନ ରେ ଠକୁଥିବା ବା ନବୀକରଣ ନ କରିଥିବା ବ୍ୟବସାୟୀମାନଙ୍କ ନାମ ରେ ୧୦ ଟି କେସ କରାଯାଇ ୧୨୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ଆଗାମି ଦିନରେ ଏହି ଚଢାଉ ଅଧିକ ବ୍ୟାପକ କରାଯିବ ବୋଲି ପୁରୀ ଜିଲ୍ଲା ଉପ ନିୟନ୍ତ୍ରକ ଶ୍ରୀମତୀ ରାୟ ପ୍ରକାଶ କରିଛନ୍ତି।

ପିଏମ ଶ୍ରୀ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା



ନୟାଗଡ଼, ୧୩/୧୧ (ଆନିସ):ପିଏମ ଶ୍ରୀ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅତ୍ୟନ୍ତ ଉତ୍ସାହ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରତି ପ୍ରାଦନ କରିଥିଲେ । ଏହି ପ୍ରଦର୍ଶନୀରେ ବିଚାରକ ଭାବେ ଆଜୁ ଲାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ନନ୍ଦ୍ର ଏବଂ ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘନଶ୍ୟାମ ରାଉତ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ରଥ, ପ୍ରିୟଦର୍ଶନୀ ମହାରଣା ଓ ନିଳିମା ପ୍ରଧାନ ସୁଚାର ରୂପେ ପରିଚାଳନା କରିଥିବାବେଳେ ମାର୍ଗଦର୍ଶକ ଭାବେ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ଷଡ଼ଙ୍ଗୀ ଓ ଶେଖ ଅଜିଜୁର ରହମାନଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପାଦିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପୁରୀଜିଲ୍ଲା କଂଗ୍ରେସ ପକ୍ଷରୁ ଭୋଟ ବଞ୍ଚାଅ ଦେଶ ବଞ୍ଚାଅ କାର୍ଯ୍ୟକ୍ରମ ପାଇଁ ସାମ୍ବାଦିକ ସମ୍ମିଳନୀ

ପୁରୀ, ୧୩।୧୧ (ଆନିସ): ଆଜି ଇନ୍ଦିରା ଭବନ, ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଭୋଟ ବଞ୍ଚାଓ ଦେଶ ବଞ୍ଚାଓ କାର୍ଯ୍ୟକ୍ରମ ପରୀପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଏଥିରେ ମଧ୍ୟପ୍ରଦେଶର ପୂର୍ବତନ ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଶର୍ମା ଏଆଇସିସି ର ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ରହି ସାମ୍ବାଦିକ ଙ୍କୁ ସମ୍ବୋଧିତ କରିଥିଲେ । ସେ ଦେଶରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଙ୍କ ଇସାରାରେ ଦେଶର ୧୩ କୋଟି ଲୋକଙ୍କ ଭୋଟ କାଟି ନାଗରିକତା ରୁ ବାଦ୍ ଦେଇଛନ୍ତି ସେଥିପାଇଁ ଗାଁ ରୁ ସହର ପର୍ଯ୍ୟନ୍ତ ସମସ୍ତ ଲଢେଇ କରି ଜ୍ଞାନେଶ କୁମାରଙ୍କ ବହିଷ୍କାର ଏବଂ ଗିରଫଦାରୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହ ଉତ୍ତର ପ୍ରଦେଶ, ଅଯୋଧ୍ୟା ରାମ ମନ୍ଦିରର ଦାନ ଅର୍ଥ ଚୋରି କରିଥିବା ମୁଖ୍ୟ ଟ୍ରଷ୍ଟି ଚମ୍ପତରାୟ କୁ ଗିରଫ କରିବା ପାଇଁ ଆଜ୍ଞାନ ଜାରି କରିଥିଲେ । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱରଂଜନ ମହାପାତ୍ର, କାକଟପୁର ବ୍ଲକ ସଭାପତି ଅବଧୂତ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ସଭାପତି ସରପଞ୍ଚ ନିରଞ୍ଜନ ମିଶ୍ର, କୃଷ୍ଣପ୍ରସାଦ



କୁମାର ମିଶ୍ର ଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଉପସଭାପତି ଶ୍ରୀଯୁକ୍ତ ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ପିସିସି ପର୍ଯ୍ୟବେକ୍ଷକ ନଳିନୀ ସ୍ୱାଇଁ, ଅଶୋକ ମଙ୍ଗରାଜ, ପିସିସି ସଂପାଦକ ମାନସ ରଞ୍ଜନ କର, ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସମହାପାତ୍ର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ପୁରୀ ପୂର୍ବତନ ପିସିସି ସଂପାଦକ ବିଶ୍ୱନାଥ ଦାଶ, ନଗର କଂଗ୍ରେସ ସଭାପତି ବିଶ୍ୱରଂଜନ ସାମ୍ବାଦିକ ମାନଙ୍କୁ ଜନଜାଗରଣ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ । ଏଥି ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ ବ୍ଲକ ସଭାପତି କିଶୋର ଚନ୍ଦ୍ର ମହାନ୍ତି, ରାଜ୍ୟ ଓବିସି